**ସହର ମୁହାଁ ହେଉଛନ୍ତି ଭାଲୁ**

ନନ୍ଦାହାଣ୍ଡି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ସିନ୍ଧିଗୁଡ଼ା ଗାଁ ନିକଟ ତଥା ନବରଙ୍ଗପୁର ସହରଠାରୁ ୫ କ.ମି. ଦୂରରେ ପୁଣି ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଗୋଟିଏ ନୁହେଁ ୪ଟି ଭାଲୁ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ମାସେ ତଳେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ୪ଟି ଭାଲୁ ବୁଲୁଥିବା ଦେଖାଯାଇଥିଲା। ସହର ନିକଟରେ ଭାଲୁ ବୁଲିବା ଏବେ ଚିନ୍ତାର ବିଷୟ ହୋଇଛି। ତେବେ ସେମାନେ କାହାର କୌଣସି କ୍ଷତି କରୁ ନ ଥିବା ଜଣାପଡ଼ିଛି। କ୍ରମାଗତ ଭାବେ ଜଙ୍ଗଲରେ ନିଆଁ ଯୋଗୁ ଖାଦ୍ୟ ଖାଦ୍ୟ ଅନ୍ୱେଷଣରେ ଭାଲୁ ସହର ଏବଂ ଗାଁ ମୁହାଁ ହେଉଛନ୍ତି। ଏହି ଚାରୋଟି ଭାଲୁ ବାରମ୍ୱାର ନାନ୍ଦାହାଣ୍ଡି ବ୍ଲକ୍ ଅଞ୍ଚଳରେ ଦେଖାଯାଉଥିବାବେଳେ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରା ଯିବାକୁ ଦାବି ହେଉଛି।

## ସଂକ୍ଷେପରେ

### ନବରଙ୍ଗପୁର ଜିଲା ଯୁବ କଂଗ୍ରେସର ନୂତନ କମିଟି ଗଠିତ

ନବରଙ୍ଗପୁର/ଉମରକୋଟ, ୨୧।୩ (ବି.ପ୍ର./ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଯୁବ କଂଗ୍ରେସର ନୂତନ କମିଟି ଗଠିତ ହୋଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଅନୁମୋଦନ ପରେ ନୂତନ କମିଟିର ନାମ ଘୋଷଣା କରାଯାଇଥିବା ନବରଙ୍ଗପୁର ଜିଲା ଯୁବ କଂଗ୍ରେସ କମିଟିର ସଭାପତି ଅଖିଳ ଭତ୍ରା ସୂଚନା ଦେଇଛନ୍ତି। ଘୋଷଣା ଅନୁଯାୟୀ ଉପସଭାପତିଭାବେ ବାବୁଲି ବାଘ, କୁନା ସାହୁ, କାର୍ଯ୍ୟକାରୀ ସମ୍ପାଦକ ଭାବେ ପବିତ୍ର ଗରଡ଼ା, ମାଳତୀ ମାଝି, ହୁମେଶ୍ୱର ହଂସ, ଯୁଗଳ ଫ୍ରାଙ୍କଲିନ୍, ସମ୍ପାଦକଭାବେ ଜି. ବିଦ୍ୟାସାଗର (ଚିନୁ ), ପଦ୍ମିନୀ ସନ୍ତା, ଗୌତମ ପଟ୍ଟନାୟକ, ବାବୁଲି ଗଣ୍ଡ, ସୋସିଆଲ ମିଡିଆ କର୍ମକର୍ତ୍ତା ରୂପେ ଆଦିତ୍ୟ ଦାସ, ପବିତ୍ର ମାଟିଆ, ହେମ ପ୍ରସାଦ ଜଗତ(ବିଟୁ), କୋଷାଧ୍ୟକ୍ଷ ଭାବେ ମଳୟ ସୁନାଙ୍କୁ ନୂତନ କମିଟିରେ ସ୍ଥାନ ମିଳିଛି। ଏ ନେଇ ଓଡ଼ିଶା ଯୁବ କଂଗ୍ରେସ କମିଟି ଉପସଭାପତି ଅଙ୍କିତ୍ ସିଂଘାଇ ନବରଙ୍ଗପୁର ଜିଲା ଯୁବ କଂଗ୍ରେସକୁ ତାଲିକା ପ୍ରଦାନ କରିବା ପରେ ଜିଲା ସଭାପତି ଭତରା ଯୁବ କମିଟି ତାଲିକା ଘୋଷଣା କରିଛନ୍ତି।

### ମକା ଟ୍ରକ୍ ହାଇଜାକ ଅଭିଯୋଗରେ ୪ ଗିରଫ

ନବରଙ୍ଗପୁର,୨୧।୩ (ବି.ପ୍ର.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜଟାବାଲ ନିକଟରେ ଏକ ମକା ଟ୍ରକ ହାଇଜାକ୍ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋରାପୁଟ ଜିଲା କୁନ୍ଦୁରା ଅଞ୍ଚଳର ନିଳୟ ରଞ୍ଜନ ମଣ୍ଡଳ, ପ୍ରମୋଦ ଜାଲି, ଜୟପୁର ସଦର ଥାନା ଅଞ୍ଚଳ ଉମୁରି ଗାଁର ବୁଟି ହରିଜନ, ନବରଙ୍ଗପୁର ସହରର ଭୁବନ ଗରଡା। ସୂଚନା ଅନୁଯାୟୀ, ଗତ ୧୪ ତାରିଖ ରାତିରେ ଏକ ବୋଲେରୋ ଗାଡ଼ିରେ କେତେଜଣ ଲୋକ ମକା ବୋଝେଇ ଟ୍ରକ୍‌କୁ ଅଟକାଇଥିଲେ। ସେମାନେ ଡ୍ରାଇଭର ପ୍ରଶାନ୍ତ ବାଘଙ୍କୁ ମାଡ଼ ମାରି ବୋଲେରୋକୁ ଆଣିଥିଲେ। ଏହାପରେ ସେମାନେ ଟ୍ରକଟିକୁ କୋରାପୁଟ ଜିଲା କୁନ୍ଦୁରାକୁ ନେଇଥିଲେ। ସେଥିରେ ଥିବା ୪୧୧ ପ୍ୟାକେଟ ମକାକୁ ଅଭିଯୁକ୍ତ ନିଳୟଙ୍କ ଘରେ ରଖିଥିଲେ। ପରେ ସେ ସବୁକୁ ପ୍ରମୋଦ ଜାଲିଙ୍କୁ ବିକ୍ରି କରାଯାଇଥିଲା। ପ୍ରମୋଦ ୨୦୧ ବସ୍ତା ବୈପାରିଗୁଡାରେ ଏବଂ ବଳକା ବସ୍ତାକୁ କୁନ୍ଦୁରାର ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ବିକ୍ରି କରିଥିଲେ। ୧୫ ଦିନ ପରେ ଟ୍ରକ୍‌ରୁ ମକା ଖାଲି ହେବା ପରେ କୋଟପାଡ ଥାନା ଅଧୀନ ଫୁପୁଗାଁ ନିକଟରେ ଟ୍ରକ ଓ ଡ୍ରାଇଭରଙ୍କୁ ଛାଡିଥିଲେ। ଡ୍ରାଇଭର କୋଟପାଡ ଥାନାରେ ଘଟଣା ସମ୍ପର୍କରେ ଜଣାଇଥିଲେ। କୋଟପାଡ଼ ପୋଲିସର ପରାମର୍ଶ କ୍ରମେ ସେ ଡାବୁଗାଁ ଥାନାରେ ଲିଖିତ ଏତଲା ଦେଇଥିଲେ। ୪୮/୨୧ରେ ମାମଲା ରୁଜୁ ହୋଇଥିଲା। ଏସ୍‌ପି ପ୍ରହଲ୍ଲାଦ ସହାୟ ମିନାଙ୍କ ନିର୍ଦ୍ଦେଶ କ୍ରମେ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା।

### ପୋଲିସ ପକ୍ଷରୁ ମୈତ୍ରୀ ମେଳା
### ଲୋକଙ୍କ ସହ ଉତ୍ତମ ସମ୍ପର୍କ ରଖିବାର ପ୍ରଚେଷ୍ଟା

ଚନ୍ଦ୍ରପୁର,୨୧।୩(ଡି.ଏନ୍.ଏ.)-ରାୟଗଡ଼ା ପୋଲିସ ପକ୍ଷରୁ ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତର ହାକୁସପଙ୍ଗା ସ୍କୁଲ ପରିସରରେ ଶୁକ୍ରବାର ମୈତ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦ୍ରପୁର ବ୍ଲକ୍‌ର ସମସ୍ତ ୮ ପଞ୍ଚାୟତର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ସାମିଲ କରାଯାଇ ପୋଲିସ ସହ ଉତ୍ତମ ସମ୍ପର୍କ ରଖିବା ନିମନ୍ତେ ସଚେତନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଷମକଟକ ଏସ୍‌ଡିପିଓ ଆକାଶ ସାହୁ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଚନ୍ଦ୍ରପୁର ଥାନାଧିକାରୀ ମକୁନ୍ଦଦେବ ନାୟକ, ହନୁମନ୍ତପୁର ସରପଞ୍ଚ କାଉମୁନି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭୀମ ଗଗେରଙ୍ଗା, ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସାଲୁଙ୍କି ଚରଣ ପୂର୍ତ୍ତି ଉପସ୍ଥିତ ଥିଲେ। ଅସୁବିଧା ସମୟରେ ଭୟ ନ କରି ପୋଲିସକୁ ଜଣାଇବା ସହ ସହାୟତା ନେଇପାରିବେ ବୋଲି ପୋଲିସ ଅଧିକାରୀମାନେ ଜନସାଧାରଣଙ୍କୁ ବୁଝାଇଥିଲେ। ପରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚନ୍ଦ୍ରପୁର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର କରାଯାଇ ଅଞ୍ଚଳବାସୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଶିକ୍ଷା ସାମଗ୍ରୀ ଏବଂ ମହିଳାମାନଙ୍କୁ ଶାଢ଼ି ଏବଂ ମଶାରି ପ୍ରଦାନ କରାଯାଇଥିଲା।

# କଲେଜ ବିକାଶରେ ସାମିଲ ହେବେ ପୁରାତନ ଛାତ୍ରୀଛାତ୍ର

ରାୟଗଡ଼ା ଅଫିସ/ଗୁଣପୁର/ବିଷମକଟକ,୨୧।୩(ଡି.ଏନ୍.ଏ.)



ବିଷମକଟକ ସ୍ଥିତ ମା' ମାର୍କମା କଲେଜରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ।

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ପରିସରରେ ରବିବାର 'ମୋ କଲେଜ' ଅଭିଯାନ ଆରମ୍ଭର ସିଧା ପ୍ରସାରଣ କାର୍ଯ୍ୟକମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଏହାର ଶୁଭାରମ୍ଭ କରିଥିବାବେଳେ ରାୟଗଡ଼ା କଲେଜରେ ଆୟୋଜିତ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କୁ କଲେଜ ସହ ଯୋଡ଼ି କଲେଜର ବିକାଶ ଦିଗରେ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସମଗ୍ର ରାଜ୍ୟରେ ୭୫୫ କଲେଜ ଏହି ଅଭିଯାନରେ ଯୋଡ଼ି ହୋଇଥିବାବେଳେ ରାୟଗଡ଼ା ସ୍ୱୟଂଶାସିତ ମହିବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ କଲେଜ ଅଧ୍ୟକ୍ଷଙ୍କଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟି ଗଠନ କରାଯାଇ ମିଳିତ ଉଦ୍ୟମରେ କଲେଜର ବିକାଶ ସକାଶେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏହା ବ୍ୟତୀତ ପୁରାତନ ଛାତ୍ରୀଛାତ୍ରଙ୍କ ଅନୁଭୂତି ପ୍ରକାରେ ଛାତ୍ରୀଛାତ୍ରଙ୍କୁ ତାଲିମ ସହ ଚାକିରି ଏବଂ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ସହାୟକ ହୋଇପାରିବ। ଏହି ଅଭିଯାନ ଅନ୍ତର୍ଗତ ପୁରାତନ ଛାତ୍ରୀଛାତ୍ର କଲେଜକୁ ସହାୟତା ଦେବେ ଏବଂ ବଳକା ସହାୟତା ରାଜ୍ୟ ସରକାର ବହନ କରିବେ ବାଲି ଜଣାପଡ଼ିଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ପାଢ଼ୀ, ଶିକ୍ଷାବିତ୍ ଦୁଷ୍ମନ୍ତ ମହାନ୍ତି, ଅଧ୍ୟକ୍ଷା ରେବା ପାତ୍ର, ଅଧ୍ୟାପିକା ଅର୍ଚ୍ଚନା ପଟ୍ଟନାୟକ, ରୀତାରାଣୀ ମିଶ୍ରଙ୍କ ସମେତ କଲେଜର ପୁରାତନ ଓ ଏବେକାର ଛାତ୍ରୀଛାତ୍ର ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

ଗୁଣପୁର କଲେଜ ଏବଂ ଯୁକ୍ତ ତିନି ଥାୟାରାମା ମହିଳା ମହାବିଦ୍ୟାଳୟରେ ମଧ୍ୟ ମୋ କଲେଜ ଅଭିଯାନ ଆରମ୍ଭ ହୋଇଛି। ଭିଡିଓ କନ୍‌ଫରେନ୍ସି ଜରିଆରେ ହୋଇଥିବା କାର୍ଯ୍ୟକ୍ରମରେ ଗୁଣପୁର କଲେଜଠାରେ କଲେଜର ଅଧ୍ୟକ୍ଷ ବାମଦେବ ମିଶ୍ର ପୁରାତାନ

**ମୋ କଲେଜ ଅଭିଯାନ ଆରମ୍ଭ**

ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଦେବିଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଲେଜର ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ରହି ସହଯୋଗ କରିଥିଲେ।

ବିଷମକଟକ ମା' ମାର୍କମା ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ସନ୍ଧ୍ୟାରେ ମା' ମାର୍କମା ସ୍ମୃତି ସଭାଗୃହରେ ଅଧ୍ୟକ୍ଷ ବି. ରବିଶଙ୍କରଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଯାନର ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ କଲେଜର ଅଧ୍ୟାପକ ସଞ୍ଜୟ ତ୍ରିପାଠୀ, ଅଶ୍ୱିନୀ ପଣ୍ଡା, ନିରଞ୍ଜନ ପାଢ଼ୀ, ପ୍ରଦୀପ ଭଞ୍ଜ, ହରେକୃଷ୍ଣ ପଣ୍ଡା ଓ ଅଧ୍ୟାପିକା ଦୀପ୍ତିରାଣି ମିଶ୍ର ଉପସ୍ଥିତ ଥିଲେ। ସେହିପରି କଲେଜର ଅନେକ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ରହି କଲେଜକୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ସେବାଶ୍ରମ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ରାମନାଗୁଡ଼ା,୨୧।୩(ଡି.ଏନ୍.ଏ.)

- ପେଟରେ ଯନ୍ତ୍ରଣା ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ
- ବେକ, ଆଣ୍ଠୁରେ ଦାଗକୁ ନେଇ ଉତ୍ତେଜନା

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ପେଣେକାମ ସେବାଶ୍ରମ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ୯ମ ଶ୍ରେଣୀ ଛାତ୍ର ରବିନ୍ଦ୍ର ଉଲାକା।

ସୂଚନା ଅନୁଯାୟୀ, ରବିନ୍ଦ୍ରଙ୍କ ହାତ, ଗୋଡ଼ରେ ବ୍ୟଥା ଯୋଗୁ ୧୯ତାରିଖରେ ତାଙ୍କୁ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଜ୍ୱର ହୋଇଥିବାରୁ ଡାକ୍ତର ଔଷଧ ଦେଇ ଛାଡ଼ିଥିଲେ। ତେବେ ରବିବାର ସକାଳ ୮ଟାରେ ପେଟରେ ଯନ୍ତ୍ରଣା ହେବାରୁ ପୁଣି ରାମନାଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁ ରାମନାଗୁଡ଼ା ନିକଟସ୍ଥ ପାରଲା ଗ୍ରାମକୁ ଅଣାଯାଇଥିଲା। ତେବେ ଛାତ୍ରଙ୍କ ବେକ ଏବଂ ଆଣ୍ଠୁରେ ଦାଗ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ କିଛି ସମୟ ପାଇଁ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ବିଷୋୟୀ ପହଞ୍ଚି ପରିବାର ଲୋକଙ୍କୁ ଆଶ୍ୱସନା ଦେବା ସହ ଛାତ୍ରଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିତ୍ର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି। ସକାଳେ ହଠାତ ପେଟରେ ଯନ୍ତ୍ରଣା ନେଇ ଜଣାପଡ଼ିବା ପରେ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତିବେଳେ ତାଙ୍କର ମୃତ୍ୟୁ ଘଟିଥିବା ସେ କହିଛନ୍ତି।

# କିଶୋରୀ ସୁରକ୍ଷା, ସଶକ୍ତୀକରଣକୁ ପ୍ରାଧାନ୍ୟ

ରାୟଗଡ଼ା ଅଫିସ,୨୧।୩–

**୧୯୪୭ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଛି ସଚେତନତା**

ବାଲ୍ୟ ବିବାହ ରୋକିବା ଏବଂ ଶିଶୁଙ୍କ ସୁରକ୍ଷା ନିମନ୍ତେ ରାୟଗଡ଼ା ଜିଲା ପ୍ରଶାସନ, ସମାଜ ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ୟୁନିଟ, ୟୁନିସେଫ, ଆକ୍ସନ୍‌ଏଡ ଓ ୟୁଏନ୍‌ଏଫ୍‌ପିଏର ମିଳିତ ସହଯୋଗରେ ଆଦିକା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ୧୯୪୭ ଅଙ୍ଗନୱାଡି କେନ୍ଦ୍ରର କିଶୋରୀ କ୍ଲବ୍‌ରେ ପ୍ରତ୍ୟେକ ଶନିବାର ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ କିଶୋରୀମାନଙ୍କୁ ସାମିଲ କରାଯାଇ ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ବିଷୟରେ ସଚେତନ କରାଯାଉଛି। ବାଳିକା ମଣ୍ଡଳର ବୈଠକରେ କିଶୋରୀ ସ୍ୱାସ୍ଥ୍ୟ, କିଶୋରୀ ସଶକ୍ତୀକରଣ ନିମନ୍ତେ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା, ବାଲ୍ୟ ବିବାହର କୁପରିଣାମ ବିଷୟରେ ଆଲୋଚନା କରାଯାଉଛି। ମାର୍ଚ୍ଚ ମାସରେ ଚାଲିଥିବା କାର୍ଯ୍ୟକ୍ରମରେ ଶିଶୁଙ୍କୁ ସେମାନଙ୍କ ଅଧିକାର ସୁରକ୍ଷା, କିଶୋର ନ୍ୟାୟ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶାରୀରିକ ଦଣ୍ଡ ଓ ଅତ୍ୟାଚାର ବିଷୟରେ ସଚେତନ କରାଯାଉଛି । ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ସୁପରଭାଇଜରମାନଙ୍କ ସହାୟତାରେ ଅଙ୍ଗନୱାଡି କର୍ମୀମାନେ ନିଜ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ ଓ ଆକ୍ସନ ଏଡ୍ ତରଫରୁ ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମର ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରୁଛନ୍ତି।

### ମାନବିକତା ଦେଖାଇଲେ ଅଟୋ ଚାଳକ

ଉମରକୋଟ,୨୧।୩(ସ୍ୱ.ପ୍ର.)

ଦିନକୁ ଦିନ ଲୋକଙ୍କଠାରୁ ମାନବିକତା ହଜିଯାଉଥିବା ଦେଖିବାକୁ ମିଳୁଛି। ନିଜ ବୟସ୍କ ମା', ବାପାଙ୍କୁ ମଧ୍ୟ ଅନେକ ଲୋକ ପଚାରୁନାହାନ୍ତି। ହେଲେ କିଛି ଲୋକଙ୍କ ମଧ୍ୟରେ ଏବେ ବି ମାନବିକତା ବଞ୍ଚିଛି। ଅସହାୟ ଅବସ୍ଥାରେ ଥିବା ବୃଦ୍ଧାଙ୍କୁ ସହଯୋଗର ହାତ ବଢ଼ାଇ ଜଣେ ଅଟୋ ଚାଳକ ଏହା ପ୍ରମାଣିତ କରି ଦେଖାଇଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ସହରରେ ଦେଖିବାକୁ ମିଳିଛି ଏଭଳି ଏକ ଘଟଣା। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ନିକଟରେ ଜଣେ



ବୃଦ୍ଧା ମୁମୂର୍ଷୁ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। କିଛିଦିନ ହେଲା ଖାଇବାକୁ ନ ପାଇ ଦୁର୍ବଳ ହୋଇପଡ଼ିଥିବାରୁ ସେ କଥା ମଧ୍ୟ କହିପାରୁ ନ ଥିଲେ। ତେଣୁ ତାଙ୍କ ପ୍ରତି କାହାର ନଜର ମଧ୍ୟ ପଡୁ ନ ଥିଲା। କିନ୍ତୁ ନିକଟରେ ଥିବା ଅଟୋ ଚାଳକ ପ୍ରତାପ ବିଶ୍ୱାସଙ୍କ ନଜର ବୃଦ୍ଧାଙ୍କ ଉପରେ ପଡ଼ିଥିଲା। ତାଙ୍କୁ ଅସହାୟ ଅବସ୍ଥାରେ ଦେଖି ସେ ନିଜ ହାତରୁ ଖାଦ୍ୟ କିଣି ଖାଇବାକୁ ଦେବା ସହ ସେବାଯତ୍ନ କରିଥିଲେ। ତେବେ ତାଙ୍କ ପରିଚୟ ଏବଂ ଠିକଣା ମିଳି ନ ଥିବାରୁ ପ୍ରତାପ ବୃଦ୍ଧାଙ୍କ ପାଇଁ ଆଶ୍ରୟସ୍ଥଳୀ ଖୋଜୁଛନ୍ତି। ପ୍ରଶାସନ ତାଙ୍କୁ କୌଣସି ଆଶ୍ରୟସ୍ଥଳରେ ରଖି ଚିକିତ୍ସା ସୁବିଧା ଯୋଗାଇଲେ ସେ ସୁସ୍ଥ ହୋଇପାରନ୍ତେ ବୋଲି ପ୍ରତାପ କହିଛନ୍ତି।

# ସ୍ୱଚ୍ଛ ସବାରି ସେବା, ମୋ ଖତ ବିକ୍ରୟ ଆରମ୍ଭ



ପୌରସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱଚ୍ଛ ସବାରି ଗାଡି ।

ନବରଙ୍ଗପୁର,୨୧।୩(ବି.ପ୍ର.)

ନବରଙ୍ଗପୁର ପୌରସଂସ୍ଥା ପକ୍ଷରୁ ରବିବାର ୧୦ ସ୍ୱଚ୍ଛ ସବାରି ବ୍ୟାଟେରୀ ଚାଳିତ ଅଟୋରିକ୍ସା ଶୁଭାରମ୍ଭ ହୋଇଛି। ସେହିପରି ବସଷ୍ଟାଣ୍ଡଠାରେ 'ମୋ ଖତ' ବିକ୍ରୟ କେନ୍ଦ୍ର ଉଦଘାଟିତ ହୋଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛ ସବାରୀରେ ବିଭିନ୍ନ ୱାର୍ଡରୁ ଆବର୍ଜନା ସଂଗ୍ରହ ହେବ। ଏସ୍‌ଏଚ୍‌ଜି ମହିଳାମାନେ ଏହାକୁ ଚଲାଇବେ ବୋଲି ଜଣାପଡ଼ିଛି। ସଂଗୃହୀତ ଆବର୍ଜନାରୁ ୱେଲ୍‌ଥ ସେଣ୍ଟରଠାରେ ପ୍ରସ୍ତୁତ ହେଉଥିବା ମୋ ଖତ ବିକ୍ରି ହେବ। ଏ ନେଇ ୫ କେ.ଜି. ଓଜନର ବ୍ୟାଗ୍ ପ୍ରସ୍ତୁତ ହୋଇଛି। କିଲୋ ପିଛା ୨୦ ଟଙ୍କା ଏବଂ ୫ କିଲୋକୁ ୧୦୦ ଟଙ୍କାରେ ବିକ୍ରି ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ ଅଜିତ କୁମାର ମିଶ୍ର, ପୌର ସଂସ୍ଥା ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ପୌର ସଂସ୍ଥାର କର୍ମଚାରୀ ଜ୍ୟୋତି ପରିଚ୍ଛା, ଦେବାଶିଷ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ରେଡ ଦଳ ଚାମ୍ପିୟନ

ଜୟପୁର,୨୧।୩(ନି.ପ୍ର.)

ଓଡିଶା କ୍ରିକେଟ ଆସୋସିଏସନଙ୍କ ନିର୍ଦ୍ଦେଶରେ ଜୟପୁର ଦଶହରା ପଡିଆଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ରେଡ ଦଳ ଚାମ୍ପିୟନ ହୋଇଛି। କୋରାପୁଟ ଜିଲାରେ କିଛି ଦିନ ଧରି ୧୪ ଓ ୧୬ ବର୍ଷରୁ କମ ବୟସର ଖେଳାଳିଙ୍କ ମଧ୍ୟରେ ଜିଲାସ୍ତରୀୟ ଟୁର୍ନାମେଣ୍ଟ ଚାଲିଥିଲା। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରେଡ ଦଳ ଚାମ୍ପିୟନ ହୋଇଛି। ରେଡ ଓ ୟେଲୋ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ୟେଲୋ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୪୦ ଓଭରରେ ୧୦ ଉଇକେଟ ହରାଇ ଏହି ଦଳ ୧୮୨ ରନ କରିଥିଲା। ପରେ ବ୍ୟାଟିଂ କରି ଏହି ଦଳ ୫ଉଇକେଟ୍ ହରାଇ ୧୮୫ ରନ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିକାଶ ନାୟକ, ଶିବାଶିଷ ବେହେରା, ଲବ ଦିଶାରୀ, ଆଦିତ୍ୟ ବାଜପାୟୀ, ବିକାଶ ନାୟକ, ସୁଭମ ହଲନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁପ ପାତ୍ର, ରବି ନାୟକ, ବାଲା ରାୟ, ବାବୁଲା ରାଉତ, ବାପି ପରିଡା, ଭବାନୀ ପଣ୍ଡା ,ରାମ ସାହୁ, ରମା ରାଉଳ,ରମେଶ ପାତ୍ର, ବ୍ରଜ ନାଗ,ଜି. କୋଟେଶ୍ୱର ରାଓ, ବାବୁଲି ପାତ୍ର, ବଳରାମ ପାଣିଗ୍ରାହୀ,ବାବୁ ରାୟ, ସାଇ ପ୍ରସାଦ ଓ ଉପେନ୍ଦ୍ର ମହାରଣା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୭ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରୁ ୧୫ ଜଣଙ୍କୁ ଚୟନ କରାଯାଇ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ପଠାଯିବ।


ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ।

# ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାନୀୟ ଜଳ ଯୋଗାଣ

କୋଡ଼ିଙ୍ଗା,୨୧।୩(ଡି.ଏନ୍.ଏ.)–

**ଖରା ଆରମ୍ଭରୁ ଜଳକଷ୍ଟ**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ପତ୍ର ଗୋଦାମ ସାହିରେ ଥିବା ନଳକୂପ ଅଚଳ ଯୋଗୁ ଅଞ୍ଚଳର ପ୍ରାୟ ୫୦ ପରିବାର ଜଳକଷ୍ଟ ଭୋଗୁଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଏବଂ କୋଡ଼ିଙ୍ଗା ସରପଞ୍ଚ ଉମାଇ ଭତ୍ରାଙ୍କୁ ଅବଗତ କରାଯିବା ପରେ ପାନୀୟ ଜଳର ସୁବିଧା କରାଯାଇଛି। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ସାହି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଶୀଘ୍ର ନୂତନ ନଳକୂପ ଖୋଳାଯିବ। ସେହିପରି ଆଗାମୀ ଦିନରେ ପାଇପ୍ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ କରାଯିବ। ସୂଚନାଯୋଗ୍ୟ କୋଡ଼ିଙ୍ଗାରେ ପାନୀୟ ଜଳର ସୁବିଧା ନିମନ୍ତେ ଅନ୍ୟ କୌଣସି ପ୍ରାକୃତିକ ଜଳ ଉତ୍ସ ନ ଥିବା ଯୋଗୁ ଖରାଦିନେ ଜଳକଷ୍ଟ ବଢ଼ିଯାଏ। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨ ପୋଲିସ କର୍ମଚାରୀ ନିଲମ୍ବିତ

ଗୁଣପୁର,୨୧।୩(ଡି.ଏନ୍.ଏ.)

**କିରଣ ଗାଣ୍ଟା ହତ୍ୟାକାଣ୍ଡ**

ରାୟଗଡ଼ା ଜିଲା ଗୁଡାରି ଥାନାର ୨ ପୋଲିସ କର୍ମଚାରୀ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଦୁହେଁ ହେଲେ ଏଏସ୍‌ଆଇ କେ. ଲୋକନାଥ ଦୋରା ଏବଂ କନଷ୍ଟେବଳ ବିଳାସିନୀ ପ୍ରଧାନ। ଉକ୍ତ ଥାନା ଅଧୀନ ନାଇରା ଗ୍ରାମରେ ୧୩ ତାରିଖ ରାତିରେ ଘଟିଥିବା କିରଣ ଗାଣ୍ଟା ହତ୍ୟା ଘଟଣାରେ କର୍ତ୍ତବ୍ୟରେ ଅବହେଳା ନେଇ ଦୁହିଁଙ୍କୁ ନିଲମ୍ବନ କରାଯାଇଥିବା ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ୧୭ ତାରିଖରେ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଏହି ହତ୍ୟାକାଣ୍ଡରେ ପୋଲିସ ୯ଜଣଙ୍କୁ ଗିରଫ କରଥିଲା। ହେଲେ ୮ଅଭିଯୁକ୍ତଙ୍କ ବିଷୟରେ ସୂଚନା ଦିଆଯାଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ନିଳାମ୍ବର ଶବର ବିଷୟରେ ସୂଚନା ଦିଆଯାଇ ନ ଥିଲା। ନିଳାମ୍ବରଙ୍କୁ ଥାନାରେ ରଖାଯାଇଥିବାବେଳେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କୁ ୧୮ ତାରିଖରେ କୋର୍ଟଚାଲାଣ କରାଯାଇଥିଲା। ଦୁଇ ପୋଲିସ କର୍ମଚାରୀଙ୍କ ଏ କ୍ଷେତ୍ରରେ ଦାୟିତ୍ୱରେ ଅବହେଳା ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି।

### ଶିକ୍ଷକଙ୍କ ସମସ୍ୟା ବିଷୟରେ ଆଲୋଚନା

ପାପଡ଼ାହାଣ୍ଡି,୨୧।୩,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ସଦର ସରକାରୀ ୟୁ.ପି. ସ୍କୁଲରେ ରବିବାର ବ୍ଲକ୍ କନିଷ୍ଠ ଶିକ୍ଷକଙ୍କ ଏକ ବୈଠକ ସଭାପତି ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ୨୦୧୮ ବ୍ୟାଚର ଶିକ୍ଷୟତ୍ରୀ, ଶିକ୍ଷକମାନେ ତିନି ବର୍ଷ ପୂରଣ କରି ନିୟମିତ କନିଷ୍ଠ ଶିକ୍ଷକ ହେବାକୁ ଯାଉଥିବାରୁ ସର୍ବସମ୍ମତି କ୍ରମେ ସଂଘର ସଭାପତିଭାବେ ଅନିଲ କୁମାର ସାହୁ, ଉପସଭାପତି ତନୁଜା ପାଢ଼ୀ, ସମ୍ପାଦକ ଶତ୍ରୁଘ୍ନ ଡାକୁଆ, ଯୁଗ୍ମ ସମ୍ପାଦକ ଲିପିକା ମହାପାତ୍ର, ପ୍ରଶାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରସନ୍‌ଜିତ ରାୟ, ଶର୍ମିଷ୍ଠା ସ୍ୱାଇଁ, ଜଗନ୍ନାଥ ପ୍ରଧାନ, ଉପଦେଷ୍ଟା ସୁଶାନ୍ତ କୁମାର ମିଶ୍ର, ହିମାଂଶୁ ଶେଖର ବିଶୋୟୀ, ରାଜେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ବେହେରା, ଗିମେଶ ପରେଖ, ବିକ୍ରମ କୁମାର କରଣ, ସତ୍ୟବାଦୀ ସାହୁ, ଦକ୍ଷ ମେହେର ପ୍ରମୁଖଙ୍କୁ ମନୋନୟନ କରାଯାଇଛି। ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ସହ ବନ୍ଦ କରାଯାଇଥିବା ଦରମା କିପରି ପ୍ରଦାନ କରାଯିବ ସେ ନେଇ ଆଲୋଚନା ହୋଇଥିଲା।

# ଜଙ୍ଗଲ ସହ ମନୁଷ୍ୟ ଜୀବନ ଜଡ଼ିତ

ନବରଙ୍ଗପୁର/ଡାବୁଗାଁ, ୨୧।୩(ବି.ପ୍ର./ଡି.ଏନ୍.ଏ.)

**ବିଶ୍ୱ ଜଙ୍ଗଲ ଦିବସ ପାଳିତ**



ନବରଙ୍ଗପୁର ଏମ୍‌ପି କୈଲାରୀ ପଞ୍ଚାୟତ ମୁଖ୍ୟଙ୍କୁ ସମ୍ମାନିତ କରୁଛନ୍ତି ।

ନବରଙ୍ଗପୁର ବନ ବିଭାଜନ ପକ୍ଷରୁ ଚରକ ବନଠାରେ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଡିଏଫଓ ମଗର ଧନ୍‌ଜୀ ରାଓସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ଜଙ୍ଗଲ ସହିତ ମନୁଷ୍ୟ ଜୀବନ ଜଡ଼ିତ। ତେଣୁ ଜଙ୍ଗଲ ସୁରକ୍ଷା ଓ ଚାରାରୋପଣ ଜରୁରୀ ବୋଲି କହିଥିଲେ। ହପାଡାଣ୍ଡିସ୍ଥିତ ମୃଗବିହାରର ଅଧିକ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ସରକାରଙ୍କ ନିକଟରେ କିଛି ପ୍ରସ୍ତାବ ରଖାଯିବାର ଆବଶ୍ୟକ ହେଲେ ବିଭାଗ ସହଯୋଗ ନେଇପାରିବ। ରାଜ୍ୟ ସରକାରଙ୍କ ନିକଟରୁ ଅନୁଦାନ ଓ ଆବଶ୍ୟକ ପ୍ରସ୍ତାବ ପାଇଁ ବିଧାୟକମାନେ ସହଯୋଗ କରିବେ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ ଜିଲାରେ ୩୩ ପ୍ରତିଶତ ଜଙ୍ଗଲ ଆବଶ୍ୟକ ସ୍ଥଳେ ୪୮ ପ୍ରତିଶତ ରହିଛି। ଏହାର ସୁରକ୍ଷା ଦାୟିତ୍ୱ ସମସ୍ତଙ୍କର ବୋଲି କହିଥିଲେ। ସ୍କୁଲଠାରୁ ଆରମ୍ଭ କରି ସବୁ ସ୍ତରରେ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ଆବଶ୍ୟକ ବୋଲି କହିଥିଲେ। ସେହିପରି ବିଶ୍ୱ ଜଙ୍ଗଲ ଦିବସ ପଞ୍ଚାୟତ ଓ ଗ୍ରାମାଞ୍ଚଳରେ କରାଗଲେ ଏହାର ମହତ୍ୱ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ସେହିପରି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଗୋଟିଏ ଗଛ ଶହେ ପୁତ୍ର ସହ ସମାନ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ର, ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଉପସ୍ଥିତ ଥିଲେ। ନିଆଁ ଲାଗିବା, ଆକସ୍ମିକ ଦୁର୍ଘଟଣା ଓ ପୋଲିସ ସହାୟତା ପାଇଁ ଏକମାତ୍ର ୧୧୨ ନମ୍ବରରେ ଡାଏଲ କରିପାରିବେ। ଏହା ୧୯ ତାରିଖରୁ ସରକାର ଲାଗୁ କରିଛନ୍ତି। ଏହାର ଗ୍ରାମାଞ୍ଚଳରେ ପ୍ରଚାର ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଡିଏଫ୍‌ଓ ନିଜ ବକ୍ତବ୍ୟରେ ଅବିଭକ୍ତ କୋରାପୁଟ ଜିଲାରେ ୫ଟି ଡିଭିଜନ ମଧ୍ୟରୁ ନବରଙ୍ଗପୁର ଡିଭିଜନ ୧ ନମ୍ବର ସ୍ଥାନରେ ରହିଥିବା କହିଥିଲେ। ଏଠାକାର ବନ ସରକ୍ଷା ସମିତି ମାଧ୍ୟମରେ ଜଙ୍ଗଲ ସୁରକ୍ଷା ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୨୦୧୯-୨୦ ଓ ୨୦୨୦-୨୧ ବର୍ଷ ପାଇଁ ଡାବୁଗାଁ ବ୍ଲକ୍‌ର ଚାରଗାଁକୁ ଶ୍ରେଷ୍ଠ ବନ ସୁରକ୍ଷା ସମିତି, କୈଲାରୀ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଓ ମୁର୍ତ୍ତୁମାକୁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ରୂପେ ମାନପତ୍ର ସହ ୨୦ ହଜାର ଟଙ୍କା ଲେଖାଏ ଚେକ୍ ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରକୃତି ବନ୍ଧୁ ସମ୍ମାନରେ ଡେଭ୍‌ଗାଗୁଡ଼ା ଗାଁର ଗନ୍‌କେସି ମମତା ରାଣୀ ନାୟକ, ଧନସରାର ରାମ ଚନ୍ଦ୍ର ଭଟ, ଟିମରପୁର ଗାଁର ବିଷ୍ଣୁ ପ୍ରସାଦ ଜେଠୀ, ଉମରକୋଟର ଟୁଟୁବାବୁ ପଟ୍ଟନାୟକ, ଖୁଟୁଗୁଡ଼ାର ନରସିଂହ ଭତରାଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ଦେଇ ପୁରସ୍କୃତ କରାଯାଇଛି। ସେହିଭଳି ପ୍ରକୃତି ମିତ୍ର ସମ୍ମାନରେ ବଡମସିଗାଁ(ଏସଏସଡି)ହାଇସ୍କୁଲ ମା' ଭଣ୍ଡାର ଘରଣୀ ଏଜୁକେସନାଲ୍ ଏଣ୍ଡ ଚାରିଟେବଲ ଟ୍ରଷ୍ଟ, ଏମ୍. ଗୁମଣ୍ଡଳି, ଜିରାଗୁଡ଼ା, ଡଙ୍ଗରିପାରା, ସାପଧରଗୁଡ଼ା ବନ ସୁରକ୍ଷା ସମିତଙ୍କୁ ମଧ୍ୟ ୨୦ ହଜାରଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍. ଖେମୁଣ୍ଡୁ ମଞ୍ଚାସୀନ ଥିଲେ। ଏସିଏଫ୍ ଧନୁର୍ଜୟ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ସମେତ ସମସ୍ତ ଅଧିକରୀ ଓ କାର୍ମଚାରୀ ଉପସ୍ଥିତ ଥିଲେ।

## ପରିବେଶ ପ୍ରଦୂଷଣମୁକ୍ତ ରଖିବାକୁ ଆହ୍ୱାନ

ଜୟପୁର,(ନି.ପ୍ର.)- ସାମାଜିକ ଅନୁଷ୍ଠାନ ସିଓ୍ୱା ପକ୍ଷରୁ ସାଇକେଲରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରଜାନହରଠାରୁ ପାତ୍ରପୁଟ ଯାଏ ଫିଟ ଇଣ୍ଡିଆ ଫିଟ ପକ୍ଷରୁ କରୋନା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ମାସ୍କ ପିନ୍ଧିବା ଓ ସାନିଟାଇଜ ବ୍ୟବହାର କରିବା, ସମଦୂରତା ରକ୍ଷା କରିବା, ସାଇକେଲ ଚଳାଇ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ନେଇ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଜୟ ମିଶ୍ର, ସୁନୀଲ ମହାନ୍ତି, ପ୍ରତାପ ପଟ୍ଟନାୟକ, ସଞ୍ଜୟ ଅଗ୍ରୱାଲ, କେ. ମୋହନ ରାଓ ସାମିଲ ହୋଇଥିଲେ।

# ସହଯୋଗ ପ୍ରତିଶ୍ରୁତି ରଖିଲେ ଛାତ୍ରୀଛାତ୍ର


ଜୟପୁରରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।


ସେମିଲିଗୁଡାରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ।

**କୋରାପୁଟ/ ଜୟପୁର/ସେମିଲିଗୁଡା/ କୁଡୁମୁଲୁଗୁମ୍ମା,୨୧।୩ (ନି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)**

ଉଚ୍ଚଶିକ୍ଷା ବିଭାଗ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ସଶକ୍ତ ଓ ସୁଦୃଢ କରିବା ଲାଗି ମୋ କଲେଜ ଅଭିଯାନ ଆରମ୍ଭ କରିଛି। କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟଠାରେ ରବିବାର ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାରୀ ମହାବିଦ୍ୟାଳୟର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଶେଖର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲାପାଳ ଗଦାଧର ପରିଡା ଯୋଗଦେଇ ମୋ କଲେଜ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଜୟପୁରର ସରକାରୀ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିଲେ। ଅଧ୍ୟକ୍ଷା ଡ. ମନୋରମା ଦେବୀ ଅଧ୍ୟକ୍ଷତା କରିଥିଲେ। ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମର ସଂଯୋଜକ ଡ. ମନୋରଞ୍ଜନ ପ୍ରଧାନ ସଂଯୋଜନା କରିଥିଲେ। ସଂପାଦିକା ଅଧ୍ୟାପିକା ରାଜଲକ୍ଷ୍ମୀ ଭୋଳ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଆଡଭୋକେଟ ହରିଶ ଚନ୍ଦ୍ର ମୁଦୁଲି, ସାମାଜିକ କର୍ମୀ ସୁରଭି ମହାପାତ୍ରଙ୍କ ସମେତ ଅନ୍ୟମାନେ ନିଜ କଲେଜର ଉନ୍ନତି କରିବାକୁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।

ସେମିଲିଗୁଡା ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟଙ୍କ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ପୃଷ୍ଠପୋଷାକ, ବର୍ତ୍ତମାନ ଓ ପୁରାତନ ଛାତ୍ରୀଛାତ୍ର, ସିଟମର ସମ୍ପାଦକ ଲକ୍ଷ୍ମଣ ରାଉତ, ପ୍ରେମାନନ୍ଦ ପୃଷ୍ଟି, ବିନୋଦ ସାମଲ, ପୂର୍ବତନ ପୌରଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା କାବେରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଖାନ୍‌ସି ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମାଲକାନଗିରି ଜିଲାର କୁଡୁମୁଲୁଗୁମ୍ମାସ୍ଥିତ ଡାରଉଇନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଯୁଗଳ କିଶୋର ସ୍ୱାଇଁ, ରାମହରି ସାହୁ, ସାହେବ ବାରିକ, ପ୍ରଭାକର ସୁନା, ବଳରାମ ପୂଜାରୀ, ରମେଶ ଚନ୍ଦ୍ର ନେଲ୍ଲୁର, ଦିବାକର ସୁନା,ଭଗବାନ ସାହଙ୍କ ସହ ଅନ୍ୟମାନେ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି ସହ ଶିକ୍ଷାର ବିକାଶ ଓ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

କାଲିମେଲା/ଏମ୍‌ଭି-୭୯/ପଡିଆ, ୨୧।୩ (ଡି.ଏନ.ଏ.)-ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଏମ୍‌ପିଭି-୪୮ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ରଞ୍ଜିତ ରାୟଙ୍କ ପୁଅ ବିପୁଲ ରାୟ। ଶନିବାର ରାତିରେ ବିପୁଲ ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲେ। ସ୍ତ୍ରୀ ଖାଇବା ବାଢୁଥିବା ସମୟରେ ବିପୁଲଙ୍କ ପାଖକୁ ଏକ ଫୋନ ଆସିଥିଲା। ସେ ଫୋନରେ କଥା ହୋଇ ବାହାରକୁ ଚାଲି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଖୋଜି କରିଥିଲେ ମଧ ପାଇ ନ ଥିଲେ। ରବିବାର ଘରଠାରୁ ୨ଶହ ମିଟର ଦୂରରେ ଥିବା ଏକ ମହୁଲ ଗଛରେ ତାଙ୍କ ମୃତଦେହ ଟଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ଆଣ୍ଠୁମାଡି ବସିବା ଅବସ୍ଥାରେ ତାଙ୍କ ବେକକୁ ଗାମୁଛାରେ ମହୁଲ ଗଛ ଡାଳରେ ବନ୍ଧା ଯାଇଥିଲା। ରବିବାର ସକାଳୁ କେତେକ ଲୋକ ମହୁଲଫୁଲ ତୋଳିବାକୁ ଆସଥିବା ବେଳେ ବିପୁଲଙ୍କ ସନ୍ଦେହଜନକ ଅବସ୍ଥାରେ ମଅତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ତାଙ୍କୁ କେହି ଅନ୍ୟତ୍ର ହତ୍ୟା କରି ଏଠାରେ ଆଣି ଟାଙ୍ଗି ଦେଇଥାଇପାରେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ଏମ୍‌ଭି-୭୯ ପୋଲିସ ପହଞ୍ଚି ଏପରି ଅବସ୍ଥାରେ ମୃତଦେହ ରହିଥିବା ଦେଖି ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦେଇଥିଲା। ଏହି ଟିମ୍ ପହଞ୍ଚିବା ପରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ଲାଗି କାଲିମେଲା ଡାକ୍ତରଖାନାକୁ ପଠାଯାଇଛି। ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଜନ କୁଜୁର କହିଛନ୍ତି। ସୂଚନାଯୋଗ୍ୟ ବିପୁଲ ଛୋଟଛୋଟ ଠିକା କାମ କରି ପରିବାର ଚଳାଉଥିଲେ।

### ସିଟି ହାଇସ୍କୁଲର ନୂତନ ମଞ୍ଚ ଉଦ୍‌ଘାଟିତ

ଜୟପୁର,୨୧।୩ (ନି.ପ୍ର.)-ଜୟପୁର ସିଟି ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ଦ୍ୱାରା ନିର୍ମିତ ନୂତନ ମଞ୍ଚ ରବିବାର ଉଦ୍‌ଘାଟିତ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବିଷୋୟୀ ଉପସ୍ଥିତ ଥିଲେ । ଏହି ମଞ୍ଚରେ ପୁରାତନ ଛାତ୍ର ପରିଚାଳନା ସମିତିର ଅବଦାନ ରହିଛି। ବିଧାୟକ ବାହିନୀପତି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଲାଗି ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବି.ସୁଜାତା, ପରିଚାଳନା କମିଟି ସଦସ୍ୟ ଶଶୀ ପଟ୍ଟନାୟକ, କେ.ଶ୍ରୀନିବାସ ରାଓ, ଜି. ଶ୍ରୀନିବାସ ରାଓ, କେ. ରାମ ଗୋବିନ୍ଦ ନାୟକ, ସୁଧାକର ପଟ୍ଟନାୟକ, ମୁରଲି ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ପଶୁପକ୍ଷୀ ଶିବିର ଉଦ୍‌ଯାପିତ

ଜୟପୁର,୨୧।୩ (ନି.ପ୍ର.)- ଜୟପୁର ଆଇସିଆଇସି ଫାଉଣ୍ଡେଶନ ଏବଂ ଦି ଗୋଟ ଟ୍ରଷ୍ଟର ମିଳିତ ସହଯୋଗରେ ଏମ୍‌ଏସ୍ ସ୍ୱାମୀନାଥନ ସଭାଗୃହରେ ଚାଲିଥିବା ୫ ଦିନିଆ ପଶୁପକ୍ଷୀ ଶିବିର ରବିବାର ଉଦ୍‌ଯାପିତ ହୋଇଛି । ଏଥିରେ ଜିଲା ପ୍ରାଣୀଧନ ଅଧିକାରୀ ଗିରିଜା ତ୍ରିପାଠୀ, ଆଇଟିଡିଏ ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ପଟ୍ଟନାୟକ, ବୈପାରିଗୁଡା ବିପିଏମ, ଓଏଲଏମ ଧବଳ ଶଙ୍କର ସୁନା, ଫାଉଣ୍ଡେଶନର ଡେଭେଲପମେଣ୍ଟ ଅଫିସର ନିଲୁ କୁମାର ବେହେରା ଉପସ୍ଥିତ ଥିଲେ । ଉନ୍ନତ ଛେଳି ଚାଷର ଉପକାରିତା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇ ଛେଳିର କୃମିକରଣ, ପ୍ରଜନନ, ଛେଳି ମଡକ, ଖାଦ୍ୟାଭ୍ୟାସ, ଖାସିକରଣ ସମ୍ପର୍କରେ ତାମିଲ ପ୍ରଦାନ କରାଯାଇଥିଲା । ଲକ୍ଷ୍ନୌରୁ ଆସିଥିବା ଟ୍ରେନର ମିଲକ ଚାନ୍ଦ୍ରି ତାଲିମ ଦେଇଥିଲେ। ଫାଉଣ୍ଡେଶନର ସିଏଫ କମଳ ଚେଞ୍ଚି, ଗୀତାଞ୍ଜଳି ନାୟକ ଉପସ୍ଥିତ ଥିଲେ ।

# ସଚେତନତାମୂଳକ ନାଟକ ପରିବେଷଣ

**ମାଲକାନଗିରି,୨୧।୩ (ଡି.ଏନ୍.ଏ)**

**ବିଶ୍ୱ ମୁଖଗହ୍ୱର କର୍କଟ ଦିବସ**

ବିଶ୍ୱ ମୁଖଗହ୍ୱର କର୍କଟ ଦିବସ ଉପଲକ୍ଷେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ମୁକ୍ତାକାଶ ନାଟକ ପରିବେଷଣ ହୋଇଛି। ମୁଖଗହ୍ୱର(ମୁଖ କର୍କଟ) ରୋଗ ସମ୍ପର୍କରେ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡା. ସଂକଳ୍ପ କେଶରୀ ଭଳ, ଡା. ଅନିଲ କୁମାର ମିଶ୍ର, ବନବିହାରୀ ମିଶ୍ର, ସନ୍ଧ୍ୟାରାଣୀ ପଟ୍ଟନାୟକ, ଚିତ୍ତରଞ୍ଜନ ସେଠୀ ପ୍ରମୁଖ ଅଂଶଗ୍ରହଣ କରି ମୁଖ କର୍କଟରୋଗଙ୍କୁ ରୋଗ କିପରି ଭଲହେବ, ରୋଗ ନ ହେବାପାଇଁ ତମାଖୁ, ବିଡି, ଗୁଟ୍‌ଖା, ପାନ ମସଲା ଆଦି ବର୍ଜନ କରିବାକୁ ବୁଝାଇଥିଲେ। ଏହି ରୋଗ ସମ୍ପର୍କରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପରିବେଷଣ କରାଯିବା ସହ ନାଟକ ପରିବେଷଣ କରାଯାଇଥିଲା।

# ଡ୍ରମ ରଖି ଅଳିଆ ପକାଇବାକୁ ପରାମର୍ଶ


ଜୟପୁରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀମାନେ ।

**ଜୟପୁର,୨୧।୩ (ନି.ପ୍ର.)**

ଜୟପୁର ସହରକୁ ସ୍ୱଚ୍ଛ ରଖିବା ନେଇ ଏବେ ଅଣ୍ଟା ଭିଡ଼ିଛି ପ୍ରଶାସନ। ସହରର ୨୮ଟି ୱାର୍ଡରେ ଯେପରି ସ୍ୱଚ୍ଛତା ରହିବ ସେନେଇ ଆରମ୍ଭ ହୋଇଛି ପ୍ରୟାସ। ରବିବାର ପ୍ରଶାସନ ପକ୍ଷରୁ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ରାଜାନଗରଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ଡ୍ରେନ ସଫା କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ ଓ ଉପଜିଲାପାଳ ହେମକାନ୍ତ ସାୟ ନିଜେ ଅଳିଆ ଉଠାଇ ସଫେଇ କାର୍ଯ୍ୟ କରିଥିଲେ। ସହରର ପ୍ରତି ଦୋକାନ ଓ ହୋଟେଲ ନିଜ ଦୋକାନ ସମ୍ମୁଖ ୫ମିଟର ଦୂରରେ ଡ୍ରମ ରଖି ସେଥିରେ ଅଳିଆ ପକାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଖିଲାପ କଲେ ଜରିମାନା ଦେବେ ବୋଲି ଉପ ଜିଲାପାଳ ସାୟ କହିଛନ୍ତି। କାର୍ଯ୍ୟକ୍ରମରେ ଡା. ଅରୁଣ କୁମାର ପାଢୀ, ସ୍ୱାସ୍ଥ୍ୟ ଅଧିକାରୀ ପୀତବାସ ବିଶ୍ୱାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

# ଜଙ୍ଗଲ ସମ୍ପଦ ସୁରକ୍ଷା, ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ମାଲକାନଗିରି,୨୧।୩ (ଡି.ଏନ୍.ଏ)**


ବନବିଭାଗ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ବିଶ୍ୱ ବନ ଦିବସ ଅବସରରେ ରବିବାର ମାଲକାନଗିରି ଜିଲା ବନ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ଡିଏଫ୍‌ଓ ପ୍ରଦୀପ ଦେବୀଦାଶ ମିରାସେ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ବନ ବିଭାଗ କର୍ମଚାରୀ, ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଜଙ୍ଗଲ ଅମୂଲ୍ୟ ସମ୍ପଦ, ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲ ଅଭିବୃଦ୍ଧି ସମ୍ପର୍କରେ ସଚେତନତା କରାଯାଇଥିଲା। ପରେ ଡିଏଫଓ ମିରାସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ବନ ସଂରକ୍ଷକ ଲିଲି ଅମାନାତ୍ୟ, ବିଭୂତି ଭୂଷଣ ବେହେରା, ଅଧ୍ୟାପକ ରଞ୍ଜନ ସ୍ୱାଇଁ, ପରିବେଶବିତ୍ ଦୁର୍ଯ୍ୟୋଧନ ପାତ୍ର ଅଂଶଗ୍ରହଣ କରି ବିଶ୍ୱ ବନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ଜିଲାରେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଞ୍ଚ, ଶିକ୍ଷକ, ସାମାଜିକ କର୍ମୀ, ବନ ସଂରକ୍ଷଣ ସମିତିକୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୟପୁରରେ ସ୍ୱଚ୍ଛତା ଦୌଡ଼ କାର୍ଯ୍ୟକ୍ରମ

**ଜୟପୁର,୨୧।୩ (ନି.ପ୍ର.)**

ଜୟପୁର ସହରରେ ରବିବାର ସ୍ୱଚ୍ଛତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ତଥା ପୌର କାଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସକାଳ ସାଢ଼େ ୬ଟାରେ ଜୟନଗର ଶିଶୁ ଉଦ୍ୟାନଠାରୁ ଆରମ୍ଭ ହୋଇଥିଲା। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଦୌଡ଼ ଜୟନଗର ଶିଶୁ ଉଦ୍ୟାନଠାରୁ ଆରମ୍ଭ ହୋଇ ପଞ୍ଚାନନ ମନ୍ଦିର, ତାରିଣୀ ଛକ, ମୁଖ୍ୟ ରାସ୍ତା ଦେଇ ଟାଉନ ହଲ ନିକଟସ୍ଥ ଚିତ୍ତ ବିନୋଦନ କେନ୍ଦ୍ର ଠାରେ ଶେଷ ହୋଇଥିଲା । ଲୋକଙ୍କୁ ପରିମଳ ଓ ସ୍ୱଚ୍ଛତାନେଇ ସଚେତନ କରିବା ପାଇଁ ପୌରପାଳିକା ପକ୍ଷରୁ ଏପରି ଉଦ୍ୟମ ଆରମ୍ଭ ହୋଇଛି। ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିପାରିନି ଆଲୋଚନା

**ଦାମନଯୋଡି, ୨୧।୩(ଡି.ଏନ.ଏ.)**

**ବିସ୍ଥାପିତଙ୍କ ଆନ୍ଦୋଳନ**

କୋରାପୁଟ ଜିଲା ନାଲ୍‌କୋ ବିସ୍ଥାପିତ ପରିବାର ପକ୍ଷରୁ ନିଯୁକ୍ତି ଓ ବିଭିନ୍ନ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଚାଲିଥିବା ଆନ୍ଦୋଳନ ଆଲୋଚନା ପର୍ଯ୍ୟାୟରେ ରହିଛି। ରବିବାର ନାଲକୋ ସହ କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟାଙ୍ଗୀ ବିଧାୟକ ପ୍ରୀତମ ପାଢୀ, ବିହନ ନିଗମ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ପଟାଙ୍ଗୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ପ୍ରମୁଖ ଅଞ୍ଚଳବାସୀଙ୍କ ଦାବି ସମ୍ପର୍କରେ ନାଲକୋ ପ୍ରଶସାନ ସହ ଆଲୋଚନା ଜାରି ରଖିଛନ୍ତି। ଖବର ଲେଖା ହେବା ସୁଦ୍ଧା କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ସୂଚନାଯୋଗ୍ୟ ବିସ୍ଥାପିତ ପରିବାର ପକ୍ଷରୁ ସ୍ଥାୟୀ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବି କରି ଗତ ୫ ଦିନ ହେଲା ଦାମନଯୋଡିରେ ମହିଳାମାନେ ରାସ୍ତା ଅବରୋଧ କରିଆନ୍ଦୋଳନ ଚଳାଇଥିଲେ। ପରିସ୍ଥିତି ଏପରି ହେଲା ଯେ, ପୋଲିସକୁ ଲୁହବୁହା ଗ୍ୟାସ, ଗ୍ରେନେଟ, ରବର ଗୁଳିଚାଳନା କରବାକୁ ପଡିଥିଲା। ପୋଲିସ ଆନ୍ଦୋଳନକାରୀ ଟେକାପଥର ମାଡ କରି ପୋଲିସ ଗାଡି ଭଙ୍ଗାରୁଜା କରିଥିଲେ। ୫୩ ଜଣ ମହିଳାଙ୍କୁ ପୋଲିସ ଉଠାଇ ନେଇଥିଲା। ଏନେଇ ଆନ୍ଦୋଳନକାରୀଙ୍କ ସହ ପ୍ରଶାସନର ଆଲୋଚନା ବିଫଳ ହୋଇଥିଲା। ଆନ୍ଦୋଳନକାରୀମାନେ ୪ଦିନ ଧରି ନାଲକୋ ଖଣି ଅଞ୍ଚଳକୁ ସମ୍ପୂର୍ଣ୍ଣ ଅବରୋଧ କରି ରଖିଥିଲେ। ସେଠାକୁ ଯିବା ପାଇଁ କାହାକୁ ଛାଡି ଦେଉ ନ ଥିଲେ। ତେବେ ଶନିବାର ଆନ୍ଦୋଳନ ଟିକେ ନରମ ପଡିବାରୁ ଗୋଟିଏ ବସ୍ କର୍ମଚାରୀଙ୍କୁ ନେଇ ଖଣି ଅଞ୍ଚଳକୁ ଯାଇଥିଲା। ରବିବାର ଏହି ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ୍ୟ ନାଲକୋ ସହ ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିପାରିନି।

# କୋଟିଆ ବଞ୍ଚାଇବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ନାଗରିକ କମିଟି

**ଜୟପୁର, ୨୧।୩ (ନି.ପ୍ର.)**

**ପ୍ରତିବର୍ଷ କୋଟିଆ ମହୋତ୍ସବ ହେଉ**

କୋଟିଆ ସମେତ ଏହି ପଞ୍ଚାୟତର ୨୧ଟି ଗ୍ରାମପୁଞ୍ଜ ଉପରେ ଆନ୍ଧ୍ର ନିଜ ଆଧିପତ୍ୟ ବିସ୍ତାର କରୁଥିବାରୁ ଏହାକୁ ପ୍ରତିହତ କରିବା ଲାଗି ଜୟପୁର ନାଗରିକ କମିଟିର ସଭାପତି ମୀନ କେତନ ଦାସ ଭାରତୀୟ ସମ୍ବିଧାନର ଅନୁଚ୍ଛେଦର ୩୨ ଅନୁସାରେ ଆନ୍ଧ୍ର ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରିଛନ୍ତି । ସାଧାରଣ ସମ୍ପାଦକ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇ ରିଟିସନ୩୨ ଯୋଗେ ଏଦିଗରେ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି। କୋଟିଆ ଓଡିଶାର ଏବଂ କୋରାପୁଟ ଜିଲାର ଅବିଚ୍ଛେଦ୍ୟ ଅଙ୍ଗ । କୋଟିଆ ପ୍ରସଙ୍ଗରେ ପୂର୍ବରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଥିଲେ। ସେଣ୍ଟ୍ରାଲ କମିଟି ମଧ୍ୟ ଏଥିରେ ହସ୍ତକ୍ଷେପ କରୁନାହାନ୍ତି । ଏଭଳି ସ୍ଥିତିରେ କୋଟିଆ ପାଇଁ ନାଗରିକ କମିଟି ଅଣ୍ଟା ଭିଡିଛି। କୋଟିଆରେ କମିଟି ଜନସଚେତନତା କରିବ ବୋଲି ନିଷ୍ପତ୍ତି ହୋଇଛି। ଏହି ପିରପେକ୍ଷୀରେ କମିଟି କର୍ମକର୍ତ୍ତାମାନେ ୩୧ରେ କୋଟିଆରେ ରାତ୍ରିଯାପନ କରି ଏପ୍ରିଲ ୧ରେ କୋଟିଆ ଓ ନିକଟବର୍ତ୍ତୀ ଗ୍ରାମଗୁଡିକରେ ଓଡ଼ିଶା ଦିବସ ପାଳନ କରିବେ। ପ୍ରତ୍ୟେକ ବର୍ଷ କୋଟିଆ ମହୋତ୍ସବ ପାଳନ କରିବାକୁ କମିଟି ପ୍ରସ୍ତାବ ରଖିଥିବା ସାଧାରଣ ସମ୍ପାଦକ ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ସଭାପତି, ସାଧାରଣ ସମ୍ପାଦକଙ୍କ ସହ ରାମକୃଷ୍ଣ ସାହୁ, ଯାଦବ ସୁବୁଦ୍ଧି, ସୁବାଷ ପଣ୍ଡା, ଗୌରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୈପାରିଗୁଡା ବନାଞ୍ଚଳ ଅଧିକାରୀ ସମ୍ମାନିତ



**ବୈପାରିଗୁଡା,୨୧।୩ (ଡି.ଏନ୍.ଏ.)**

ବିଶ୍ୱ ବନ ଦିବସ ଅବସରରେ ଉଲ୍ଲେଖନୀୟ ସେବା ପାଇଁ ବୈପାରିଗୁଡା ବନାଞ୍ଚଳ ଅଧିକାରୀ ଦିବ୍ୟା ମାଧୁରୀ ସେଠୀ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ରବିବାର ଭୁବନେଶ୍ୱରରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ବିକ୍ରମ ଆରୁଖ ତାଙ୍କୁ ସମ୍ମାନିତ କରିଥିବା ଜଣାପଡିଛି ।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କର୍ମଶାଳା ଉଦ୍‌ଯାପିତ

**ଚିତ୍ରକୋଣ୍ଡା,୨୧।୩(ଡିଏନ.ଏ.)**

ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଏଫଇଏସ ଅନୁଷ୍ଠାନ ସହାୟତାରେ ଚାଲିଥିବା ଦୁଇଦିନିଆ ବ୍ଲକସ୍ତରୀୟ ଏମଜିଏନଆରଇଜିଏସ୍ କର୍ମଶାଳା ଉଦ୍‌ଯାପିତ ଶନିବାର ହୋଇଯାଇଛି। ବିଡିଓ ପଦ୍ମନାଭ ଦୋରା ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଦିନରେ ଉପାନ୍ତ ଅଞ୍ଚଳର ୧୦ଟି ପଞ୍ଚାୟତରୁ ୫୦ଜଣ ଏବଂ ଦ୍ୱିତୀୟ ଦିବସରେ ୮ଟି ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ। ପୋରେବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୧୮ଟି ପଞ୍ଚାୟତର ଜିଆରଏସ, ଗ୍ରାମସାଥୀ, ଗ୍ରାମ ମୁଖିଆ ଓ ପିଇଓମାନେ ଯୋଗ ଦେଇଥିଲେ। କୋରେବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଳା ସ୍ୱାଗତ ସୂଚନା ଦେଇଥିଲେ। କର୍ମଶାଳାରେ ଏଫଇଏସର ବିଜୟ କୁମାର ଟପୋ ତାଲିମ ଦାତା ରୂପେ ଉପସ୍ଥିତ ଥିଲେ। ଏମଜିଏନଆରଇଜିଏସ କାର୍ଯ୍ୟକ୍ରମ ଆରମ୍ଭ, କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ, ଏଥିରେ ଶ୍ରମିକ ନୁହେଁ ମାଲିକ ହେବା,ଗାଁରେ ଯୋଜନା କରିବା ପଲ୍ଲୀସଭା, ଗ୍ରାମସଭା ପାଇଁରଣନୀତିପ୍ରସ୍ତୁତି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଏପିଓ ଉଚ୍ଛବ ଗିରି, ଶକ୍ତି ପ୍ରସାଦ ଦଳେଇ ଓ ଜଗନ୍ନାଥ ରେଡ୍ଡି ପରିଚାଳନା କରିଥିଲେ।

# ବୈପାରିଗୁଡାରେ ସଚେତନତା ଶୋଭାଯାତ୍ରା

**ବୈପାରିଗୁଡା,୨୧।୩(ଡି.ଏନ୍.ଏ.)**

ବିଶ୍ୱ ବନ ଦିବସ ଅବସରରେ ରବିବାର ସ୍ଥାନୀୟ ବନ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ବୀରଖୁମ୍ବ ବ୍ରିଜ୍‌ଠାରୁ ବାହାରି ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲା । ଫରେଷ୍ଟର ସଚ୍ଚିଦାନନ୍ଦ ପରିଡା,ବିକାଶ ପାତ୍ର ,ଅଜୟ ହରିଚନ୍ଦନ,ରଘୁନାଥ ସୁଆର, ପି.ଶ୍ରୀନିବାସ ରାଓ,ମନୋଜ ମହାପାତ୍ର, ଗ୍ରାମ୍ୟ ବିକାଶ ସଙ୍ଗଠନର ଟିମ୍ ଲିଡର ଆଶିଷ ହରିଜନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଗ୍ରାମ, ସବୁଜ ଗ୍ରାମ ତାଲିମ

**ମାଲକାନଗିରି,୨୧।୩ (ଡି.ଏନ୍.ଏ)**

ମାଲକାନଗିରି ଜିଲା ବାଲିମେଳା ଡ୍ରଗ ଲାଇନସ୍ଥିତ ଶହୀଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ ପରିଷଦ କାର୍ଯ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଗ୍ରାମ ସବୁଜ ଗ୍ରାମ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ରର ଜିଲା ପ୍ରକଳ୍ପ ଅଧିକାରୀ ହରିଶ ରୁପାଲ ଅଧ୍ୟକ୍ଷତା କରିଥିଲେ। ଡିଆରଡିଏର ଜିଲା ପରିମଳ ପରାମର୍ଶଦାତା ସଦାନନ୍ଦ ତାଡିଙ୍ଗି, ସୋମନାଥ ମହାନ୍ତି, ସାମାଜିକ କର୍ମୀ ବିନାଶ କୁମାର ମିଶ୍ର, ପରିମଳ ବିଶେଷଜ୍ଞ ବିବେକାନନ୍ଦ ସାହୁ, ସନ୍ତୋଷ କୁମାର ପାତ୍ର, ଟକ୍କୁଲୁ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଗ୍ରାମ ସ୍ୱଚ୍ଛ ଓ ସବୁଜ ହେଲେ ଏକ ସୁସ୍ଥ ରାଷ୍ଟ୍ର ଗଠନ ହୋଇପାରିବ। ଆଜିର ଯୁବଗୋଷ୍ଠୀ ସ୍ୱଚ୍ଛତା ଦିଗରେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା, ଖୋଲା ସ୍ଥାନରେ ମଳତ୍ୟାଗ ନ କରି ଶୌଚାଳୟ ବ୍ୟବହାର କରିବା, ଗ୍ରାମ ପରିବେଶ ସଫାସୁତୁରା ରଖିବା ନେଇ ଶିବିରରେ ୬୦ ଜଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସହଯୋଗ ରହିଲେ ପରିବେଶରେ ସନ୍ତୁଳନ ରହିବ

**କୋରାପୁଟ,୨୧।୩(ସ୍ୱ.ପ୍ର.)**

**ଜିଲାସ୍ତରୀୟ ବିଶ୍ୱ ବନ ଦିବସ**


ଉଦ୍‌ଘାଟିତ ହୋଇଥିବା କମ୍ୟୁନିଟି କେନ୍ଦ୍ର ।

କୋରାପୁଟ ବନବିଭାଗ ପକ୍ଷରୁ ରବିବାର କୋରାପୁଟଠାରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ବନ ମୁଖ୍ୟ ସଂରକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବନ୍ୟଜନ୍ତୁ ସୁରକ୍ଷା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ...ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ଏସିଏଫ ରଞ୍ଜନ କୁମାର ନାଗ ଓ ରେଞ୍ଜର ରୋହିତ କୁମାର ଉପସ୍ଥିତ ଥିଲେ। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଜନସାଧାରଣଙ୍କ ସହଯୋଗ ରହିଲେ ପରିବେଶର ସନ୍ତୁଳନ ବଜାୟ ରହିବ ବୋଲି ଅତିଥିମାନେ କହିଥିଲେ । କୋରାପୁଟ ବନଖଣ୍ଡ ଅଧିକାରୀ ରିଙ୍କି କୁମାରୀ ଅଧ୍ୟକ୍ଷତା କରିଥିଲେ। ଜୟପୁର ଡିଏଫଓ ଏନଏସଜେପି ସିଂହ, ଜିଲାର ସମସ୍ତ ବନ ସୁରକ୍ଷା ସମିତି ସଭାପତିଙ୍କ ସହ କର୍ମଚାରୀମାନେ ଉପସ୍ଥିତ ରହି ବନ ସୁରକ୍ଷା ନେଇ ମତ ରଖିଥିଲେ । ଏହି ଅବସରରେ ଦାହିଗୁଡା ଓ ତଳନାରଙ୍ଗା ଗ୍ରାମରେ ବନ କର୍ମଚାରୀଙ୍କ ସୁବିଧା ପାଇଁ ନିର୍ମିତ ଦୁଇଟି କମ୍ୟୁନିଟି କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏଥିରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଦିପ୍ତ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି କେନ୍ଦ୍ରରେ ସୋଲାର ବିଦ୍ୟୁତକରଣ, ସୋଲାର ପାନୀୟ ଜଳ ଯୋଗାଣ, ଆପ୍ରୋଚ ରାସ୍ତା, କେନ୍ଦ୍ରରେ ଇନଭଟର ବ୍ୟବସ୍ଥା ରହିଛି । ଉଦ୍‌ଘାଟିତ ଦୁଇ କେନ୍ଦ୍ରକୁ ସମ୍ପୃକ୍ତ ଗ୍ରାମ୍ୟ ବନ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣା: ଦୁଇ ବନ୍ଧୁଙ୍କ ସମେତ ୩ ମୃତ

ଅନୁଗୋଳ ଅଫିସ/କଣିହାଁ(ଡି.ଏନ.ଏ.), ୨୧।୩: ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଥାନା ଅନ୍ତର୍ଗତ ବଲାଙ୍ଗୀ ପୋଲ ନିକଟ ୫୩ନଂ. ଜାତୀୟ ରାଜପଥରେ ରବିବାର ଏକ ପାଉଁଶ ବୋଝେଇ ଟ୍ରକ ଧକ୍କାରେ ୨ ବନ୍ଧୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କମରେଇ ଗ୍ରାମର ମନୋଜ ଏବଂ ଜ୍ୟୋତିରଞ୍ଜନ। ଉଭୟେ ଏକ ବାଇକ୍‌ରେ ଯାଉଥିବାବେଳେ ତାଳଚେରରୁ ଆସୁଥିବା ଉକ୍ତ ପାଉଁଶ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଜ୍ୟୋତିରଞ୍ଜନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ନେଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ଷତିପୂରଣ ଦାବିରେ ଭାଜପା ନେତା ରୁଦ୍ରନାରାୟଣ ପାଣି ଦଳୀୟ କର୍ମୀଙ୍କ ସହ ଆନ୍ଦୋଳନ ଚଳାଇଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଭୋର୍ ସମୟରେ ବଅଁରପାଳ-ତାଳଚେର ରାସ୍ତାର ଚାଇଁପାଳ ନିକଟରେ ଦୁର୍ଘଟଣା ଘଟି ପରଜଙ୍ଗ ଥାନା ଆଖୁଆପାଳ ଗ୍ରାମର ଜିତୁ ମହାନ୍ତି (୨୬)ଙ୍କ ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି।

### ଟଙ୍କା ଲୁଟ୍: ଯୁବକ ଗିରଫ

କଟକ ଅଫିସ ୨୧।୩- ଟଙ୍କା ଲୁଟ୍ ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ସୁବର୍ଣ୍ଣପୁର ଜିଲା ରତନପୁର ଅଞ୍ଚଳର ଅବକାଶ ନାୟକ। ତାଙ୍କଠାରୁ ୯୦୦ ଟଙ୍କା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗଜପତି ଜିଲାର ଅନ୍ନେସ ସବର ସୁବର୍ଣ୍ଣପୁର ଯିବା ପାଇଁ ବାଦାମବାଡି ଠାରେ ଶନିବାର ରାତିରେ ବସ୍ ଟିକଟ କାଟିବା ପାଇଁ ଛିଡା ହୋଇଥିଲେ। ଏହି ସମୟରେ ଅବକାଶ ତାଙ୍କୁ ଭେଟି ଟିକଟ ଦେବାକୁ କହି ୧୨୦୦ ଟଙ୍କା ମାଗିଥିଲେ। ଅନ୍ନେସ ପକେଟରୁ ୯୦୦ ଟଙ୍କା ବାହାର କରିବା କ୍ଷଣି ଅବକାଶ ତାହାକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅନ୍ନେସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୯୧/୨୧) ରୁଜୁ କରିଛି।

### ମୁକ୍ତିମଣ୍ଡପ ପଣ୍ଡିତ ସଭାରୁ ୩ ବହିଷ୍କୃତ

ପୁରୀ ଅଫିସ, ୨୧।୩: ବିଶୃଙ୍ଖଳିତ ଆଚରଣ ନିମନ୍ତେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା କାର୍ଯ୍ୟକାରୀ କମିଟି ୩ଜଣ ସଭ୍ୟଙ୍କୁ ବହିଷ୍କାର କରିଛି। ଏ ନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସୂଚନା ଦିଆଯାଇଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା କର୍ମକର୍ତ୍ତା କହିଛନ୍ତି ଯେ, ସୂର୍ଯ୍ୟନାରାୟଣ ରଥ, ଦୁର୍ଗାପ୍ରସାଦ ମହାପାତ୍ର ଓ ହରିଶଙ୍କର ମିଶ୍ରଙ୍କୁ ଆଜୀବନ ପାଇଁ ବହିଷ୍କାର କରାଯାଇଛି। ଏମାନଙ୍କ ସଭ୍ୟ ପଦ ରଦ୍ଦ କରାଯିବା ପରେ ସମ୍ପୃକ୍ତ ଗ୍ରାମକୋଠକୁ ଏନେଇ ସୂଚନା ଦିଆଯିବା ସହ ମୁକ୍ତିମଣ୍ଡପ ନିର୍ବାଚନ ଅଧିକାରୀଙ୍କୁ ମଧ ଜଣାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ବହିଷ୍କୃତ ସଦସ୍ୟମାନେ ଅନୁଷ୍ଠାନ ସହ ସମ୍ପର୍କ ନ ରଖି ବିଭିନ୍ନ ଗଣମାଧମରେ ଭିତ୍ତିହୀନ, କପୋଳକଳ୍ପିତ ଏବଂ ଆପତ୍ତିଜନକ ମନ୍ତବ୍ୟ ଦେଇଆସୁଥିଲେ। ଏଭଳି ମନ୍ତବ୍ୟ ଅନୁଷ୍ଠାନର ଗରିମା, କାର୍ଯ୍ୟଦକ୍ଷତା ଓ ସମ୍ମାନ ଉପରେ ଅଯଥା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ଦିନରେ ରଥଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ସେ କ୍ଷମା ପ୍ରାର୍ଥନା କରିଥିଲେ। ଏହାସତ୍ତ୍ୱେ ତାଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଦେଖାଯାଇ ନ ଥିଲା। ଏଣୁ ବାଧ ହୋଇ ଅନୁଷ୍ଠାନ ତାଙ୍କୁ ଓ ଅନ୍ୟ ଦୁଇଜଣଙ୍କୁ ବହିଷ୍କାର କରିଛି। ଅନ୍ୟପକ୍ଷରେ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ମୁକ୍ତିମଣ୍ଡପ ପଣ୍ଡିତ ସଭାର ବାଇ-ଲ' ଅନୁଯାୟୀ ସଦସ୍ୟଙ୍କୁ ବହିଷ୍କାର କରିବା ନେଇ ଆଇନ ନାହିଁ। ଶାସନ ଗ୍ରାମ ଯାହାକୁ ପ୍ରତିନିଧି ପଠାଇବ ମୁକ୍ତିମଣ୍ଡପ ପଣ୍ଡିତ ସଭା ତାଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବାକୁ ବାଧ। ଏଣୁ ବହିଷ୍କାର ନିଷ୍ପତ୍ତି ଆଇନ ସମ୍ମତ ନୁହେଁ। ଉଲ୍ଲେଖ ଥାଉ କି, ରଥ ବିଗତ ଦିନରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇବା ସହ ଏନେଇ ଥାନାରେ ଅଭିଯୋଗ ମଧ କରିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ବିଶ୍ୱମ୍ଭର ଦାଶ, ଭଗବାନ ମହାପାତ୍ର ଏବଂ ଉଦୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ରମିତ ରକ୍ତ ଚିହ୍ନଟରେ ନାଟ୍-ପିସିଆର ପଦ୍ଧତି ସଫଳ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

- ରାଜ୍ୟର ୨୦୦ ୟୁନିଟ୍‌ରୁ ଗୋଟିଏ ସଂକ୍ରମିତ ରକ୍ତ ବାହାରୁଛି
- ଗଞ୍ଜାମ ଜିଲାରେ ପ୍ରତି ୯୨ ୟୁନିଟ୍‌ରୁ ଗୋଟିଏ ରକ୍ତ ସଂକ୍ରମିତ
- ଅଧିକ ରକ୍ତ ଭଣ୍ଡାରରେ ଏହି ପଦ୍ଧତିରେ ପରୀକ୍ଷଣ ପ୍ରସ୍ତାବ



ସଂଗୃହୀତ ରକ୍ତକୁ ରୋଗୀଙ୍କୁ ଦେବା ପୂର୍ବରୁ ତାହାକୁ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷାନିରୀକ୍ଷା କରାଯାଇଥାଏ। ଉକ୍ତ ରକ୍ତ ମ୍ୟାଲେରିଆ, ସିଫିଲିସ୍, ଏଚ୍‌ଆଇଭି, ହେପାଟାଇଟିସ୍-ବି ଓ ସି ଆଦି ଦ୍ୱାରା ସଂକ୍ରମିତ କି ନୁହେଁ, ତାହାର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ସଂକ୍ରମିତ ରକ୍ତ ଥରେ ନେଲେ ଜୀବନ ସାରା ରୋଗ ସହ ଲଢ଼ିବାକୁ ପଡ଼େ। ଅଧିକାଂଶ କ୍ଷେତ୍ରରେ ରୋଗୀଙ୍କ ଜୀବନ ପ୍ରତି ବିପଦ ରହିଥାଏ। ପୂର୍ବରୁ ଏଲାଇଜା ପଦ୍ଧତିରେ ସଂକ୍ରମିତ ରକ୍ତ ଚିହ୍ନଟ ହେଉଥିବାବେଳେ ୨୦୧୬ରୁ ନାଟ୍-ପିସିଆର (ନିଉକ୍ଲିକ ଆମ୍ପ୍ଲିଫିକେଶନ ଏସିଡ୍ ଟେଷ୍ଟ-ପଲିମର୍ସ ଚେନ୍ ରିଆକ୍ସନ) ମାଧମରେ ପରୀକ୍ଷଣ କରାଯାଉଛି। ନାଟ୍ ପଦ୍ଧତିରୁ ବେଶ୍ ସଫଳତା ମିଳିଥିବାବେଳେ ଅନେକ ଲୋକଙ୍କୁ ମାରାତ୍ମକ ସଂକ୍ରମଣରୁ ରକ୍ଷା କରାଯାଇପାରୁଛି ବୋଲି କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର କହିଛନ୍ତି। ସେ କହିଛନ୍ତି, ନାଟ୍-ପିସିଆର ସାରା ବିଶ୍ୱର ଏକ ଅତ୍ୟାଧୁନିକ ବିଶ୍ୱସନୀୟ ପଦ୍ଧତି। ଆମେରିକା, ୟୁରୋପ ଭଳି ଅନେକ ବିକଶିତ ଦେଶ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାକୁ ବ୍ୟବହାର କରୁଛନ୍ତି। ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଯେ, ସେ ଏଭଳି ବ୍ୟବସ୍ଥା ଆମ ରାଜ୍ୟରେ ଚାଲୁ କରିଛନ୍ତି। ଆମେ ଅଧିକରୁ ଅଧିକ ଲୋକଙ୍କୁ ସୁରକ୍ଷା ଦେବାକୁ ଯେତେ ଅଧିକ ରକ୍ତ ଭଣ୍ଡାରରେ ଏହି ବ୍ୟବସ୍ଥା କରିପାରିବା ରାଜ୍ୟବାସୀଙ୍କ ପାଇଁ ସେତେ ଉପକାର ହେବ ଓ ଅନେକ ଦୁର୍ମୂଲ୍ୟ ଜୀବନ ଆମେ ରକ୍ଷା କରିପାରିବା ବୋଲି ଡା. ମହାନ୍ତି କହିଛନ୍ତି।

ରାଜ୍ୟ ସରକାର ଓ ରେଡକ୍ରସ ଦ୍ୱାରା ୫୭ଟି ରକ୍ତ ଭଣ୍ଡାର ପରିଚାଳିତ ହେଉଥିବାବେଳେ ସଂଗୃହୀତ ରକ୍ତକୁ ୬ଟି ରକ୍ତ ଭଣ୍ଡାରରେ ନାଟ୍-ପିସିଆର୍ ପଦ୍ଧତିରେ ପରୀକ୍ଷଣ କରାଯାଉଛି। ରାଜ୍ୟରେ ପ୍ରତି ୨୦୦ ୟୁନିଟ୍ ରକ୍ତ ପରୀକ୍ଷାରେ ଗୋଟିଏ ୟୁନିଟ୍ ସଂକ୍ରମିତ ରକ୍ତ ବାହାରୁଛି। ୬ଲକ୍ଷ ୫୦ହଜାରରୁ ଅଧିକ ୟୁନିଟ୍ ରକ୍ତରୁ ୩,୫୪୩ ୟୁନିଟ୍ ସଂକ୍ରମିତ ରକ୍ତ ଚିହ୍ନଟ ହୋଇଛି। ଏଥିମଧ୍ୟରୁ ଏଚ୍‌ଆଇଭି ସଂକ୍ରମିତ ୪୫୬ ୟୁନିଟ୍ ଥିବାବେଳେ ହେପାଟାଇଟିସ୍-ବି ୨୮୪୦ ଓ ହେପାଟାଇଟିସ-ସି ୨୪୭ ୟୁନିଟ୍ ରହିଛି। ତେବେ ଗଞ୍ଜାମ ଜିଲାରେ ୯୨ ୟୁନିଟ୍ ରକ୍ତରେ ଗୋଟିଏ ୟୁନିଟ୍ ସଂକ୍ରମିତ ରକ୍ତ ବାହାରୁଛି। ଜିଲାରେ ଥିବା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ପ୍ରାୟ ୧୨ହଜାର ୟୁନିଟ୍ ରକ୍ତ ପରୀକ୍ଷା ହୋଇଥିବାବେଳେ ୧୨୬୪ ୟୁନିଟ୍ ସଂକ୍ରମିତ ରକ୍ତ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରତିବର୍ଷ ସମସ୍ତ ରକ୍ତ ଭଣ୍ଡାର ଦ୍ୱାରା ପ୍ରାୟ ୪ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି। ଏଥିମଧ୍ୟରୁ ମାତ୍ର ୧ଲକ୍ଷ ୫୦ହଜାର ୟୁନିଟ୍ ରକ୍ତ ନାଟ୍ ପଦ୍ଧତିରେ ପରୀକ୍ଷା ହେଉଛି। ବାକି ପ୍ରାୟ ୩ଲକ୍ଷ ୟୁନିଟ୍ ଏହି ପଦ୍ଧତିରେ ପରୀକ୍ଷା ହୋଇପାରିନି। ତେଣୁ ଶେଷ ୫ବର୍ଷରେ ୧୫ଲକ୍ଷ ୟୁନିଟ୍ ରକ୍ତ ନାଟ୍ ପଦ୍ଧତିରେ ପରୀକ୍ଷା ନ ହୋଇ ଦିଆଯାଇଥିବାରୁ ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

# ଶ୍ରୀମନ୍ଦିରକୁ ୩୧ କେଜି ରୁପା ଦାନ



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଉପସ୍ଥିତିରେ ଦାତାଙ୍କ ପକ୍ଷରୁ ରୁପା ଦାନ କରାଯାଉଛି।

ପୁରୀ ଅଫିସ,୨୧।୩

ଜଣେ ଦାତା ରବିବାର ଶ୍ରୀମନ୍ଦିରକୁ ୩୧ କେଜି ରୁପା ଦାନ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଉପସ୍ଥିତିରେ ଦାତାଜଣକ ଏହି ରୁପା ପ୍ରଦାନ କରିଛନ୍ତି। ମା' ବିମଳା ଓ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରଭା ନିର୍ମାଣ ପାଇଁ ଏହି ରୁପା ଦାନ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଦାନ ସମୟରେ ଶ୍ରୀମନ୍ଦିର ପ୍ରଶାସନର ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସମେତ ସେବାୟତ ଅନନ୍ତ ତିଆଡ଼ି ଓ ଜଗନ୍ନାଥ କର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଣୀ ଚିକିତ୍ସକ

ଭୁବନେଶ୍ୱର, ୨୧।୩ (ବ୍ୟୁରୋ)

କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ତୁରନ୍ତ ଆଇନ ପ୍ରଣୟନ ସମେତ ବିଭିନ୍ନ ଦାବି ନେଇ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ। ସଂଘ ଅଭିଯୋଗ କରିଛି ଯେ, ପ୍ରାଣୀଚିକିତ୍ସକମାନେ ବାକ୍‌ଶକ୍ତିହୀନ ପ୍ରାଣୀମାନଙ୍କର କଲ୍ୟାଣ, ଗ୍ରାମୀଣ କୃଷି ସମ୍ପ୍ରଦାୟର ଜୀବିକା, ଜନସ୍ୱାସ୍ଥ୍ୟର ସୁରକ୍ଷା ତଥା ପ୍ରାଣୀ ସମ୍ପଦ ବିକାଶ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କଠିନ ପରିଶ୍ରମ କରୁଛନ୍ତି। ମାନବ ସମ୍ବଳ, ସାମଗ୍ରୀ ଓ ଭିତ୍ତିଭୂମି କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ସତ୍ତ୍ୱେ ନିଜର ଉତ୍ତର ଦାୟିତ୍ୱ ନିର୍ବାହ ପାଇଁ ପାରିବାରିକ ସମୟ ଓ ବ୍ୟକ୍ତିଗତ ସମ୍ପତ୍ତିକୁ ମଧ ଉପଯୋଗ କରିବାକୁ ଦ୍ୱିଧା କରନ୍ତି ନାହିଁ। ଅନେକ ସମୟରେ ସେମାନେ କାର୍ଯ୍ୟକ୍ଷେତ୍ରରେ ଆକ୍ରମଣର ଶିକାର ହେଉଛନ୍ତି। ନିକଟରେ ବୌଦ୍ଧ ଜିଲାର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅମିତାଭ ପଣ୍ଡା ଏକ ଗାଈକୁ ଚିକିତ୍ସା ଯୋଗାଇ ଦେବାକୁ ଯାଇ ଅତ୍ୟନ୍ତ କଠିନ ପରିସ୍ଥିତିରେ ତା'ର ପ୍ରସବ କରାଉଥିବାବେଳେ ଅସାମାଜିକ ତଥା ଗୁଣ୍ଡାଙ୍କ ଆକ୍ରମଣର ଶିକାର ହୋଇଥିଲେ। ସେମାନେ ମଧ ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ସଂଘ ଦୃଢ଼ ନିନ୍ଦା କରିବା ସହ ସୁରକ୍ଷା ଦାବି କରିଛି। ସେହିଭଳି ନିରନ୍ତର ଚିକିତ୍ସା ସେବା ଯୋଗାଇଦେବା ପାଇଁ ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ସିଫ୍ଟରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ ଡାକ୍ତର ଓ କର୍ମଚାରୀ ନିୟୋଜିତ କରାଯାଉ, ପ୍ରାଣୀଚିକିତ୍ସକଙ୍କ ଶିକ୍ଷାଗତ ଯୋଗ୍ୟତା, ଚାକିରିର ପ୍ରକୃତି ଓ କାର୍ଯ୍ୟାବଳୀ ମେଡିକାଲ ଅଫିସରଙ୍କଠାରୁ ଭିନ୍ନ ହୋଇ ନ ଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ପ୍ରଣୟନ ଆଇନଙ୍କୁ ପ୍ରାଣୀ ଚିକିତ୍ସକଙ୍କ କ୍ଷେତ୍ରରେ ଲାଗୁ କରାଯାଉ। ଏଥିସହ ମେଡିକାଲ ଅଧିକାରୀଙ୍କ ଭଳି ସମାନ ଦରମା, କ୍ୟାରିୟର ପ୍ରୋଗ୍ରେଶନ, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଆଦି ନିଶ୍ଚିତ କରାଯାଉ ବୋଲି ସଂଘ ଦାବି କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛି।





ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କୋଣାର୍କ ଗସ୍ତକୁ ସ୍ୱାଗତ ଜଣାଇ ରବିବାର ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଓ ଶିଳ୍ପୀ ଗୋଚ୍ଛାୟତଙ୍କ ବାଲୁକା କଳା।

# ଓଡ଼ିଶୀ ନୃତ୍ୟାଙ୍ଗନା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୧।୩ (ବ୍ୟୁରୋ)



ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ବେଳେ ଗାର୍ଡ ଅଫ୍ ଅନର ଦିଆଯାଉଛି।

ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟଗୁରୁ ସ୍ୱର୍ଗତ କେଳୁଚରଣ ମହାପାତ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ଶନିବାର ରାତିରେ ପରଲୋକ ଘଟିଛି। ଭୀମଟାଙ୍ଗୀସ୍ଥିତ ବାସଭବନରେ ୮୬ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁଅ ତଥା ଗୁରୁ ରତିକାନ୍ତ ମହାପାତ୍ର ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ଇଲିଆନା ଚିତାରିସ୍ତି, ଅରୁଣା ମହାନ୍ତି, କସ୍ତୁରୀ ପଟ୍ଟନାୟକ, କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ରବିବାର ପୁରୀ ସ୍ୱର୍ଗଦ୍ୱାରଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅପରାହ୍ନ ୨ଟା ୧୫ରେ ପୁଅ ରତିକାନ୍ତ ମହାପାତ୍ର ମୁଖାଗ୍ନି ଦେଇଥିଲେ। ପୁରୀ ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଲକ୍ଷ୍ମୀପ୍ରିୟାଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଓଡ଼ିଶୀ ନୃତ୍ୟର ପ୍ରସାର କ୍ଷେତ୍ରରେ ଗୁରୁ କେଳୁଚରଣ ଓ ତାଙ୍କ ପରିବାରର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଏହାସହ ଲକ୍ଷ୍ମୀପ୍ରିୟାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୯୪୬ରେ ଅନ୍ନପୂର୍ଣ୍ଣା ଥିଏଟରରୁ ସେ ନିଜର ନୃତ୍ୟ ଜୀବନ ଆରମ୍ଭ କରିଥିଲେ। ମଞ୍ଚରେ ପ୍ରଥମ ଓଡ଼ିଶୀ ନାଚିଥିବା ନୃତ୍ୟାଙ୍ଗନା ହେଉଛନ୍ତି ଲକ୍ଷ୍ମୀପ୍ରିୟା। ସେ ଏକାଧାରରେ ଜଣେ ନୃତ୍ୟଶିଳ୍ପୀ ଓ ଅଭିନେତ୍ରୀ ଥିଲେ। ବାଉରିବନ୍ଧୁ କର ତାଙ୍କ ନୃତ୍ୟ ପ୍ରତିଭାକୁ ଲୋକଲୋଚନକୁ ଆଣିଥିଲେ। ପରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ସହ ମିଶି ତାଙ୍କ ମୃଦଙ୍ଗର ତାଳେ ତାଳେ ଲକ୍ଷ୍ମୀପ୍ରିୟା ଅନେକ ନୃତ୍ୟ ପରିବେଷଣ କରିଥିଲେ। ସେବେଠାରୁ ଉଭୟେ ଏକାଠି ଯାତ୍ରା ଆରମ୍ଭ କରିଥିଲେ। ସେ ବହୁ ଲୋକପ୍ରିୟ ନାଟକରେ ମଧ ଅଭିନୟ କରିଛନ୍ତି। ସେଥିମଧ୍ୟରୁ ମ୍ୟାନେଜର, ଭରସା, ତଅପୋଇ, କଳାପାହାଡ, ମୂଳିଆ, ସାଧବ ଝିଅ, ଦଶାବତାର ଆଦି ଅନ୍ୟତମ। ଏହା ବ୍ୟତୀତ ସେ ବହୁ ସିନେମାରେ ମଧ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ମାଣିକ ଯୋଡି, ଅମଡା ବାଟ, ମଲାଜହ୍ନ ଆଦି ସିନେମା ଏବେ ବି ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି।

# ଗଣ୍ଡଗୋଳ ଘଟଣା: ୩ ଗିରଫ

ଚୌଦ୍ୱାର,୨୧।୩(ଡି.ଏନ.ଏ.)

ଚୌଦ୍ୱାର ଥାନା ଅଧୀନ ଡିହସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧରେ ଗଣ୍ଡଗୋଳ ଘଟିଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(ନଂ.୧୧୮,୧୧୯/୨୧) ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶରତ ବେହେରା, ଅକ୍ଷୟ ପ୍ରଧାନ ଓ ଶଙ୍କର ବିଶ୍ୱାଳ। ପୋଲିସ ସୂଚନା ଅନୁଯାୟୀ, ଗତ ୧୯ତାରିଖ ରାତିରେ ଶରତ ଏକ ଖଣ୍ଡା ଧରି ତାଙ୍କ ସହଯୋଗୀଙ୍କ ସହିତ ଶଙ୍କରଙ୍କ ଉପରେ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଶଙ୍କର ଓ ତାଙ୍କ ସହଯୋଗୀ ଅକ୍ଷୟ ଲୁହାଛଡରେ ଶରତଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଟିପିଏମ୍ ଫାଣ୍ଡି ଏଏସ୍‌ଆଇ ଜୋସେଫ୍ ଏକ୍କା କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଗୋବିନ୍ଦା



ମହାପ୍ରଭୁଙ୍କୁ ଦର୍ଶନ ସାରି ବଲିଉଡ୍ ଅଭିନେତା ଗୋବିନ୍ଦା ଫେରୁଛନ୍ତି।

ପୁରୀ ଅଫିସ, ୨୧।୩

ବଲିଉଡ୍ ଅଭିନେତା ଗୋବିନ୍ଦା ସହଧର୍ମିଣୀ ସୁନିତାଙ୍କ ସହିତ ରବିବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସେବାୟତ ଭବାନୀ ଶଙ୍କର ମହାପାତ୍ର ସେମାନଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଗୋବିନ୍ଦା ଓ ସୁନିତା ପୂଜାର୍ଚ୍ଚନା କରିବା ସହ ମା' ବିମଳା, ମହାଲକ୍ଷ୍ମୀ ମନ୍ଦିର ଆଦି ବୁଲି ଦେଖିଥିଲେ। ସେଠାରୁ ଫେରି ଐତିହ୍ୟ କରିଡର ବୁଲି ବିଭିନ୍ନ ସ୍ଥାନରେ ଫଟୋ ଉଠାଇଥିଲେ। ଏହି ଅବସରରେ ବିଭିନ୍ନ ସେବାୟତମାନେ ଗୋବିନ୍ଦାଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ମାନିତ କରିଥିଲେ। ପରେ ଗଣମାଧମକୁ ଗୋବିନ୍ଦା କହିଛନ୍ତି, ମହାପ୍ରଭୁଙ୍କୁ ଅତି ନିକଟରୁ ଦର୍ଶନ କରି ମନ ପ୍ରଫୁଲ୍ଲିତ ହୋଇଛି। କିଛିଦିନ ହେବ ବନ୍ଧନ ଭିତରେ ରହିବା ଭଳି ମନେ ହେଉଥିଲା। ଏବେ କିନ୍ତୁ ବନ୍ଧନ ମୁକ୍ତ ହେବା ଭଳି ମନେ ହେଉଛି। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସାନିଧ ଲାଭ କରିଛି। ସେହିପରି ସେ ଏବେ ରାଜନୀତିରୁ ଅନେକ ଦୂରରେ ଥିବା କଥା ପ୍ରକାଶ କରିଛନ୍ତି।

# ନିର୍ଯାତନା ଅଭିଯୋଗ ଆଣିଲେ ନୀହାର, ଖଣ୍ଡନ କଲେ ସ୍ମୃତି

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

କଂଗ୍ରେସ ନେତା ପରସ୍ପର ବିରୋଧରେ ଅଭିଯୋଗ ଆଣିବା କିଛି ନୂଆ କଥା ନୁହେଁ। ପିସିସି ସଭାପତି ପଦବୀକୁ ନେଇ ସବୁବେଳେ ଦଳ ଭିତରେ ବିବାଦ ଲାଗି ରହୁଥିବା ବେଳେ ଏବେ ଯୁବ କଂଗ୍ରେସ ସଭାପତିଙ୍କ ନାଁରେ ପୂର୍ବତନ ଯୁବ କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ନୀହାର ରଞ୍ଜନ ବେହେରା ଗୁରୁତର ଅଭିଯୋଗ ଆଣିଛନ୍ତି। ଏକ ଅଡିଓ ରେକର୍ଡ ଏବଂ ଜଣେ ମହିଳାଙ୍କ ହ୍ୱାଟ୍‌ସଆପ ଚାଟ୍ ଭାଇରାଲ ଘଟଣାକୁ ନେଇ ଖବରଦାତା ସମ୍ମିଳନୀରେ ନୀହାର କହିଛନ୍ତି, ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଜଣେ ମହିଳା କର୍ମୀଙ୍କୁ ନିର୍ଯାତନା ଦେଇଛନ୍ତି। ପଦବୀ ଲୋଭ ଦେଖାଇ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଛନ୍ତି। ସେହିପରି ଯୁବ କଂଗ୍ରେସ ସଭାପତି ଭାବେ ସ୍ମୃତିଙ୍କ ନିଯୁକ୍ତିକୁ ମଧ ସେ ବିରୋଧ କରିଛନ୍ତି। ଯଦି ବିରୋଧୀ ଏଭଳି କାମ କରିଥାଆନ୍ତେ ତେବେ ଯୁବ କଂଗ୍ରେସ ସଭାପତି ମାଷ୍ଟରକ୍ୟାଣ୍ଟିନ ଛକରେ ବିରୋଧ ପ୍ରଦର୍ଶନ କରିଥାଆନ୍ତେ। ଆସନ୍ତା ୨୫ ତାରିଖ ଯୁବ କଂଗ୍ରେସ ସମାବେଶରେ ଏ ନେଇ ବିରୋଧ ପ୍ରଦର୍ଶନ କରାଯିବ ବୋଲି ନୀହାର କହିଛନ୍ତି। ଅନ୍ୟପଟେ ସ୍ମୃତି ଏସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅସହିଷ୍ଣୁ ଭାବ ରଖି ଏପରି କରାଯାଇଛି। ଯେଉଁ ବ୍ୟକ୍ତି ଦଳ ବିରୋଧୀ କାମ କରି ୨୦୧୭ରୁ ବହିଷ୍କୃତ ହୋଇଛନ୍ତି ତାଙ୍କ ସମ୍ପର୍କରେ କିଛି କହିବାକୁ ଚାହାନ୍ତି ନାହିଁ।

# ହିଙ୍ଗୁଳା ଖଣିରୁ କୋଇଲା ଚୋରି ଧରିଲା ଏସ୍‌ଟିଏଫ

ଭୁବନେଶ୍ୱର,୨୧।୩(ବ୍ୟୁରୋ)



- କଙ୍କରେଇସ୍ଥିତ ଚୋରା କୋଇଲା ଡିପୋରେ ଚଢ଼ାଉ
- ସାଢେ ୨୨ ଟନ୍ କୋଇଲା, ଟ୍ରକ ଜବତ : ଜଣେ ଗିରଫ

ରାଜ୍ୟରେ ଥିବା ବିଭିନ୍ନ ଖଣିରୁ କୋଇଲା ଓ ଅନ୍ୟାନ୍ୟ ଖଣିଜ ଚୋରା ଚାଲାଣ ହେଉଛି। ଗତ କିଛିଦିନ ତଳେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଅନୁଗୋଳ ଅଞ୍ଚଳରୁ ୪୦ ଟନ୍ ଚୋରା କୋଇଲା ଓ ୨ ଟ୍ରକ୍ ଜବତ କରିଥିବାବେଳେ ରବିବାର କଙ୍କରେଇସ୍ଥିତ ଡିପୋରେ ଚଢ଼ାଉ କରି ଆଉ ସାଢେ ୨୨ଟନ୍ କୋଇଲା ଜବତ କରିଛି। ତାଳଚେର ହିଙ୍ଗୁଳା ମାଇନ୍ସରୁ ଏହି କୋଇଲା ଚୋରି ହୋଇ ଚାଲାଣ କରାଯାଉଥିବା ଯାଞ୍ଚବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଅନୁଗୋଳ କଙ୍କରେଇ ଅଞ୍ଚଳର ଅଜୟ ପ୍ରଧାନ। ଏନେଇ ଅନୁଗୋଳ ଇଣ୍ଡଷ୍ଟ୍ରିଆଲ୍ ଥାନା ପୋଲିସ ଏକ ମାମଲା (ନଂ. ୬୫/୨୧) ରୁଜୁ କରି ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ହିଙ୍ଗୁଳା ମାଇନ୍ସରୁ ବେଆଇନ ଭାବେ ନିୟମିତ କୋଇଲା ଓ ଅନ୍ୟ ଖଣିଜ ପଦାର୍ଥ ଚୋରା ଚାଲାଣ କରାଯାଉଥିବା ନେଇ କ୍ରାଇମବ୍ରାଞ୍ଚ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ଏସ୍‌ଟିଏଫ୍ ପକ୍ଷରୁ ଚୋରା ଚାଲାଣକାରୀଙ୍କ ଉପରେ ନଜର ରଖାଯାଇଥିଲା। ତଦନ୍ତବେଳେ ହିଙ୍ଗୁଳା ମାଇନ୍ସରୁ କୋଇଲା ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଚୋରି କରାଯାଇ କଙ୍କରେଇ ଅଞ୍ଚଳରେ ଏକ ଫାଙ୍କା ସ୍ଥାନରେ ଷ୍ଟୋର୍ କରାଯାଇ ବିକ୍ରି କରାଯାଉଥିବା ଜଣାପଡିଥିଲା। ଏହାପରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢ଼ାଉ କରି କୋଇଲା ବୋଝେଇ ଟ୍ରକ ଜବତ କରିବା ସହ ଗଚ୍ଛିତ ରଖାଯାଇଥିବା ଅନ୍ୟ ଖଣିଜ ପଦାର୍ଥକୁ ମଧ ଜବତ କରିଥିଲା।

